### ରାତିରେ ସହର ଖାଁ ଖାଁ, ବଢ଼ିବ ଅପରାଧ !

# ବୁଲୁନି ପୁଲିସ ଭ୍ୟାନ; ବାଜୁନି ସାଇରନ୍

## ୧୦ ହୋମଗାର୍ଡଙ୍କ ହାତରେ ସହର ସୁରକ୍ଷା

ନୟାଗଡ଼, ୩୦।୧(ସମିସ): ନୟାଗଡ଼ ପୁଲିସର ମାନ୍ଦାବସ୍ଥାକୁ ନେଇ ନୟାଗଡ଼ ସହର ବାସୀ ଚିନ୍ତାଶୀଳ ଅବସ୍ଥାରେ ରହିଛନ୍ତି। ଦୀର୍ଘ ଏକ ମାସ ହେବ ପୁଲିସ ପ୍ରାଟୋଲିଂରେ ଅଭାବ ବରିଷ୍ଠ ନାଗରିକଙ୍କୁ ଚିନ୍ତାରେ ପକାଇଛି। ଏଭଳି ସ୍ଥିତି ପାଇଁ କାରଣ କଣ ଏବଂ ଏହା ଦ୍ୱାରା ଅପରାଧିଙ୍କୁ ସୁଯୋଗ ମିଳିବ ବୋଲି ଅନେକ ମତ ଦେଇଛନ୍ତି। ସୂଚନାନୁସାରେ, ନୟାଗଡ଼ ସହର ଦିନକୁ ଦିନ କାୟା ବିସ୍ତାର କରି ଚାଲିଛି। ନୟାଗଡ଼ ଲେଙ୍କୁଡିପଡ଼ାଠାରୁ ବରପଲ୍ଲୀ ଛକ ପର୍ଯ୍ୟନ୍ତ ଅଞ୍ଚଳ, ପ୍ରତାପପ୍ରସାଦଠାରୁ ଝୁମ୍ପୁରି ପର୍ଯ୍ୟନ୍ତ ଅଞ୍ଚଳ ଏବେ ସହର ଆଭିଜାତ୍ୟକୁ ଆପଣାଇ ନେଇଛି। ଦିନକୁ ଦିନ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ସଂଖ୍ୟା ଆଶାତିତ ଭାବେ ବୃଦ୍ଧି ପାଉଛି। ନୟାଗଡ଼ ଟାଉନଥାନା ଏହି ଅଞ୍ଚଳ ଗୁଡିକ ସମେତ ଭାଟସାହି ଏବଂ ଆଖପାଖ ଅଞ୍ଚଳର ଶାନ୍ତି, ଶୃଙ୍ଖଳା ଦାୟିତ୍ୱରେ ରହିଛି। ସହରବାସୀଙ୍କୁ ଅଚିନ୍ତାରେ ଶୋଇବା ପାଇଁ ପୁଲିସ ନିର୍ଭୟ ବାର୍ତ୍ତା ଦେବା ବଦଳରେ ମାନ୍ଦା ହୋଇ ପଡ଼ିବା ଚିନ୍ତା ଜନକ ହୋଇଛି। ନୟାଗଡ଼ ସହରରେ ପ୍ରାଟୋଲିଂ ଅଭାବ ସାଙ୍ଗକୁ ଆବଶ୍ୟକ ସ୍ଥାନରେ ରାତିରେ ରହୁଥିବା ହୋମଗାର୍ଡଙ୍କ ଦେଖିବାକୁ ମିଳୁନି। ଟାଉନଥାନା ପୁଲିସ ପକ୍ଷରୁ ହାଉସିଂ ବୋର୍ଡଠାରେ ୨ ଜଣ, ଦେବୋତ୍ତର କଲୋନୀଠାରେ ୨ ଜଣ, ଲକ୍ଷ୍ମଣ ନଗରଠାରେ ୨ ଜଣ, ଅରବିନ୍ଦ ନଗରଠାରେ ୨ ଜଣ, ନୟାଗଡ଼ ଟ୍ରାଫିକ ଛକରେ ୨ ଜଣ, ଅରବିନ୍ଦ ନଗରଠାରେ ୨ ଜଣ ହୋମଗାର୍ଡଙ୍କୁ ଦାୟିତ୍ୱ ଦିଆଯାଉଛି। ମୋଟ ୧୦ ଜଣ ହୋମଗାର୍ଡଙ୍କ ହାତରେ ସହର ଛାଡି ନୟାଗଡ଼ ଟାଉନଥାନା ପୁଲିସ ଅଚିନ୍ତା ନିଦ୍ରାରେ ଶୋଇ ପଡୁଥିବା ଅଭିଯୋଗ ହେଉଛି। ଟ୍ରାଫିକ ଛକରେ ହୋମଗାର୍ଡଙ୍କୁ କେତେବେଳେ ଦେଖିବାକୁ ମିଳୁଥିବା ବେଳେ କେତେବେଳେ ପୁରା ଛକ ଖାଁ ଖାଁ ରହୁଛି। ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡଠାରେ ରହିଥିବା ଫାଣ୍ଡିରେ ରାତିରେ କୌଣସି ପୁଲିସ କର୍ମଚାରୀଙ୍କୁ ଦେଖିବାକୁ ମିଳୁନି। ସହରର ଅନ୍ୟାନ ସ୍ଥାନରେ ପୁଲିସ ସୁରକ୍ଷା ବ୍ୟବସ୍ଥା ଆଦୌ ନଥିବା ବେଳେ ପ୍ରାଟୋଲିଂ ଭ୍ୟାନ ଆଦୌ ବୁଲୁ ନଥିବା ଅଭିଯୋଗ ହେଉଛି। ନୟାଗଡ଼ ଟାଉନଥାନାରେ ଜଣେ ଇନ୍ସପେକ୍ଟର ଭାରପ୍ରାପ୍ତ ଦାୟିତ୍ୱରେ ରହିଥିବା ବେଳେ ୩ ଜଣ ଏସଆଇ, ୫ ଜଣ ଏଏସ୍‌ଆଇ, ଏକାଧିକ ହାବିଲଦାର ଓ କନେଷ୍ଟବଳ କାର୍ଯ୍ୟରତ ଅଛନ୍ତି। ନୟାଗଡ଼ ସହରର ବ୍ୟାପକତା ଦୃଷ୍ଟିରୁ ମାନବସମ୍ବଳ ଅଭାବ ଅନ୍ୟତମ କାରଣ ପାଲଟିଛି। ସୁରକ୍ଷା ପ୍ରତି ଅବହେଳାର ଏହା ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି। ନୟାଗଡ଼ ସହର ସୁରକ୍ଷା ପ୍ରତି ପୁଲିସ ବିଭାଗର ବରିଷ୍ଠ ଅଧିକାରୀ ଧ୍ୟାନ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ବାର୍ଷିକ ଉତ୍ସବ ଲାଗି କଳସ ଶୋଭାଯାତ୍ରା



ଖଣ୍ଡପଡ଼ା, ୩୦।୧(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ବସନ୍ତପୁର ଗ୍ରାମର ଆରାଧ୍ୟ ଠାକୁର ଶ୍ରୀରାମ ଓ ହନୁମାନ ଜୀଉଙ୍କ ପୀଠରେ ବାର୍ଷିକ ଉତ୍ସବ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଧିବାସ ପରେ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ପୂର୍ଣ୍ଣକୁମ୍ଭ କଳସ ସହ ପୀଠ ନିକଟରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ଆସନ୍ତାକାଲି ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହେବ ବୋଲି ଆୟୋଜକ ଗ୍ରାମବାସୀ ସୂଚନା ଦେଇଛନ୍ତି।

## ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଖଣ୍ଡପଡ଼ା, ୩୦।୧(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗାନ୍ଧୀଙ୍କ ଆଦର୍ଶ ଏବଂ ଅହିଂସା ଦ୍ୱାରା ବ୍ରିଟିସ୍‌ମାନେ ପରାସ୍ତ ହେବା ସହ ଭାରତ ଛାଡି ଚାଲିଯାଇଥିଲେ ବୋଲି ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଡାକ୍ତରଖାନା ପରିସରରୁ ବାଇକ୍ ଚୋରି

ଭାପୁର, ୩୦।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବଜାରରେ ଥିବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ମଙ୍ଗଳବାର ଦିନ ଗୋଟିଏ ବାଇକ୍ ଚୋରି ହୋଇଛି। ଭାପୁର ବ୍ଲକ ଚକ୍ରଧର ପ୍ରସାଦ ଗ୍ରାମର ଭାଗୀରଥି ଦାସ ମଙ୍ଗଳବାର ଦିନ ୧୦ଟାରେ ତାଙ୍କ ବାଇକ୍‌ରେ ଆସିଥିଲେ। ଡାକ୍ତରଙ୍କୁ ଦେଖାକରି ଫେରିବା ସମୟରେ ବାଇକ୍ ନପାଇ ବହୁ ଖୋଜାଖୋଜି କରି ନପାଇ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

## କୁକୁର ଆକ୍ରମଣରେ ସମ୍ବର ମୃତ

ଗଣିଆ, ୩୦।୧(ସମିସ): ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ରାଜିଙ୍ଗି ବିଟ୍ ହାଉସ ଅଧିନ ହରିପୁର ଗ୍ରାମ ଗହୀରରୁ ମଙ୍ଗଳବାର ଅପରାହ୍ନରେ ବୁଲା କୁକୁରଙ୍କ ଆକ୍ରମଣ ଦ୍ୱାରା ଏକ ସମ୍ବର ମୃତ୍ୟୁ ଘଟିଛି। ଏହାକୁ ବନ୍ୟପ୍ରାଣୀ ବିଭାଗ ଉଦ୍ଧାର କରିଛି। ନିକଟସ୍ଥ ଜଙ୍ଗଲରୁ ସମ୍ବରଟି ଖାଦ୍ୟ କିମ୍ବା ପାଣି ପିଇବା ପାଇଁ ଗହିରି ବିଲ ମଧ୍ୟକୁ ଚାଲି ଆସିଥିଲା। ଛାମୁଣ୍ଡିଆ ବନପାଳ ପ୍ରତାପ କୁମାର ସେଠୀ ଓ ବନରକ୍ଷୀ ପ୍ରଦ୍ୟୁମ୍ନ ପ୍ରଧାନଙ୍କ ସମେତ ବନକର୍ମଚାରୀମାନେ ସେହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ କୁକୁର ପଲ ମୃତ ସମ୍ବରକୁ ଜଗି ରହିଥିବା ଦେଖିବାକୁ ପାଇଥିଲେ। ବନ୍ୟପ୍ରାଣୀ ବିଭାଗ ତରଫରୁ ଏକ ୟୁଡି ମାମଲା ରଜୁ କରାଯିବା ସହ ମୃତ ସମ୍ବରକୁ ଜବତ କରି ବନାଞ୍ଚଳ କାର୍ଯ୍ୟାଳକୁ ଅଣାଯାଇ ବ୍ୟବଛେଦ ପରେ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି।

## ୩୦ ୟୁନିଟ୍ ରକ୍ତ ସଂଗୃହିତ

ଦର୍ପନାରାୟଣପୁର, ୩୦।୧(ସମିସ): ଦର୍ପନାରାୟଣପୁର କେନ୍ଦୁଡିପି ନବଚୌଧୁରୀ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ନବାଚୌଧୁରୀ ମହାବିଦ୍ୟାଳୟ ଅଧକ୍ଷଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଓ ଅଧ୍ୟାପିକାମାନେ ସହଯୋଗ କରିଥିଲେ। ନୟାଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

## ଫ୍ଲଡ ଲାଇଟ୍ ସର୍କଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଓଡ଼ଗାଁ, ୩୦।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଫ୍ଲଡ୍ ଲାଇଟ୍ ସର୍କଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ଓ ବୁଧବାର ଦୁଇଦିନ ଅନୁଷ୍ଠିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ୟୁନିକ ଇଲେଭେନ ଷ୍ଟାର ଓ ଦ ଇ ମୋଟାଲ ମଧ୍ୟରେ ହୋଇଥିଲା। ଦ ଇ ମୋଟାଲ ମ୍ୟାଚ୍ ଜିତି କ୍ୱାଟର ଫାଇନାଲକୁ ପ୍ରବେଶ ହୋଇଥିବା ବେଳେ ସୁଦିପ୍ କୁମାର ବଡ଼ପଣ୍ଡା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦିତୀୟ ମ୍ୟାଚ୍ ଏମ୍‌ଆରସି ଓ ସ୍ମାଇଲ ଇଲେଭେନ ମଧ୍ୟରେ ହୋଇଥିଲା। ସ୍ମାଇଲ ଇଲେଭେନ ମ୍ୟାଚ୍ ଜିତି କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ଜ୍ୟୋତି ପ୍ରକାଶ ମାଝି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ୍ ବିଏମ୍ ଫାଇଟର୍ସ ଓ ଓଡ଼ଗାଁ ଟାଇଟନ୍ସ ମଧ୍ୟରେ ଏବଂ ଚତୁର୍ଥ ମ୍ୟାଚ୍ ଜୟ ଶ୍ରୀରାମ ଓ କ୍ରିକେଟ୍ ହାଟ ମଧ୍ୟରେ ହୋଇଥିଲା। ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକଙ୍କ ଉଦ୍ୟମ ଏବଂ କ୍ରିଡ଼ା ପ୍ରେମୀଙ୍କ ସହଯୋଗରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର, ଉପ ସଭାପତି ଆଦର୍ଶ କୁମାର ପଟ୍ଟନାୟକ, ଉଦ୍ୟୋଗପତି ମହେଶ୍ୱର ରାଣା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା, ସୁଶାନ୍ତ ପାତ୍ର ପ୍ରମୁଖ ଅତିଥିମାନେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବାଲ୍ୟବିବାହ ପ୍ରତିରୋଧ ପ୍ରକଳ୍ପ ସମ୍ପ୍ରସାରଣ କର୍ମଶାଳା

ନୟାଗଡ଼, ୩୦।୧(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ନିରୋଧ ଆଇନ୍ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲିପ୍ କୁମାର ବଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଣ୍ଟର ଫର କାୟାଲାଇଜିଙ୍ଗ ଚେଞ୍ଜ୍ (ସି-୩) ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ନୟାଗଡ଼ଙ୍କ ମିଳିତ ଆନୁକୂଲ୍ୟରେ ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ସି-୩ ଶାଖାର ରାଜ୍ୟ ମୁଖ୍ୟ ଅଶୋକ କୁମାର ନାୟକ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ବିବରଣୀ ପାଠ କରିଥିଲେ ଏବଂ ଧର୍ମାନନ୍ଦ ସୁନ୍ଦରାୟ ତାଙ୍କୁ ସହଯୋଗ କରିଥିଲେ ତଥା ସି-୩ ମୁଖ୍ୟାଳୟ, ଦିଲ୍ଲୀରୁ ଆସିଥିବା ପ୍ରକଳ୍ପର ମୁଖ୍ୟ ବନ୍ଦନା ନାୟାର ଏବଂ କାର୍ଯ୍ୟକାରୀ ଅଧିକାରୀ ସୁମିତ୍ କାର୍ଯ୍ୟକ୍ରମର ରୂପରେଖ ଉପର ଆଲୋକପାତ କରିଥିଲେ। ମନ୍ଦିରର ପୂଜକ ଟ୍ରଷ୍ଟି, ମ୍ୟାନେଜରଙ୍କ ସଚେତନତା ନିମନ୍ତେ ଏକ ବିବାହ ପଞ୍ଜିକରଣ ରେଜିଷ୍ଟରକୁ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ଜନସାଧାରଣଙ୍କ ହିତ ନିମନ୍ତେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମର ଶେଷାର୍ଦ୍ଧରେ ରବୀନ୍ଦ୍ର ନାଥ ସାହୁ, ଜିଲ୍ଲାପାଳ, ନୟାଗଡ଼ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୟାଗଡ଼ର ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଜନସାଧାରଣଙ୍କୁ ସହଯୋଗ କାମନା କରିଥିଲେ ଏବଂ ବାଲ୍ୟ ବିବାହ ନିରୋଧ ଆଇନ୍ ୨୦୦୬ର ବ୍ୟାପକ ପ୍ରସାର ନିମନ୍ତେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସମାଜ ମଙ୍ଗଳ ଅଧିକାରିଣୀ ଅର୍ଚ୍ଚନା କହଁର, ଡିଏସ୍‌ପି. ସୁଷମା ପ୍ରଧାନ, ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ନୟାଗଡ଼, ଜିଲ୍ଲା ସୂଚନା ଓ ଜନ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ସାହୁ, ଶିଶୁ ସୁରକ୍ଷା ଅଧିକାରୀ, ନୟାଗଡ଼ ସିଭିୟାନ୍ ପ୍ରଧାନ ତଥା ସମସ୍ତ ବ୍ଲକର ବିଡିଓ, ସିଡିପିଓ, ବିଇଓ, ବିପିଏମ୍ ଏବଂ ଏମ୍‌ଓ (ସିଏଚ୍‌ସି.) ତଥା ଶିଶୁ ମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇ ନିଜର ମତ ପୋଷଣ କରିଥିଲେ। ଜିଲ୍ଲା ସଂଯୋଜକ ସୁବ୍ରତ କୁମାର ବିଶୋୟୀ, ବ୍ଲକ ସଂଯୋଜକ ପ୍ରସନ୍ନ ବାଗସିଂ, ସୁଭାଶିଷ ମିଶ୍ର, ସୁଦିପ୍ତ ସାହୁ, ନିକି ପ୍ରଧାନ, ସ୍ୱଜନ୍ୟା ନାୟକ ଏବଂ ସ୍ୱାତୀରେଖା ଦାସ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଶିଶୁ ସୁରକ୍ଷା ଅଧିକାରୀ ସତ୍ୟରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।




## ବିପର୍ଯ୍ୟୟ ସ୍ଥିର ଗୃହ ନିର୍ମାଣ ତାଲିମ ଶିବିର

ନୟାଗଡ଼, ୩୦।୧(ସମିସ): ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ସମୟରେ ନୂତନ ଜ୍ଞାନ କୌଶଳ ପ୍ରଣାଳୀ ଅବଲମ୍ବନ କରି ସହରାଞ୍ଚଳରେ ସ୍ଥାୟୀ ବାସଗୃହ ନିର୍ମାଣ ସମ୍ପର୍କୀୟ କର୍ମଶାଳା ଆଦି ସିଦ୍ଧେଶ୍ୱର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଳ୍ପ ମୂଲ୍ୟରେ, ବୈଷୟିକ ଅନୁମୋଦନ ସହିତ ମଜଭୂତ ଘର ନିର୍ମାଣ ପାଇଁ ପରାମର୍ଶ ଦିଆଯାଇଥିଲା। ମସିହା ପର୍ଯ୍ୟନ୍ତ ଥରେ ମାତ୍ର ବାତ୍ୟା ହୋଇଥିବା ବେଳେ ଏବେ ପ୍ରତି ବର୍ଷ ୩ ଥର ବାତ୍ୟା ହେଉଛି। ଅଗାମୀ ଦିନରେ ପ୍ରତିବର୍ଷ ୭ରୁ ୧୦ ଥର ବାତ୍ୟା ହୋଇପାରେ ବୋଲି ତାଲିମଦାତା ମାନେ କହିଥିଲେ। କର୍ମଶାଳାକୁ ଅଧ୍ୟକ୍ଷା ନିରୂପମା ଖଟେଇ ଉଦ୍‌ଘାଟନ କରିଥିଲେ। ଉପନଗରପାଳ ଗୁରୁ ପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ଅତିଥି ଭାବେ



ବାରମ୍ବାର ବାତ୍ୟା, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଘରର ଯେପରି କିଛି କ୍ଷତି ନହୁଏ ସେଥିପାଇଁ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ସମୁଦ୍ର ପତ୍ତନର ଉତ୍ତାପ କ୍ରମଶଃ ବୃଦ୍ଧି ପାଉଛି। ୩୦ ବର୍ଷ ତଳେ ଉତ୍ତାପ ୬ ଡିଗ୍ରି ଥିବା ସ୍ଥଳେ ଏବେ ୧୯ ଡିଗ୍ରିରେ ଉତ୍ତାପ ପହଞ୍ଚିଛି। ଆଗାମୀ ୧୦ ବର୍ଷ ମଧ୍ୟରେ ଉତ୍ତାପ ୨୪ ଡିଗ୍ରିରେ ପହଞ୍ଚି ଯାଇଥିବ ବୋଲି ଆକଳନ କରି କୁହାଯାଇଥିଲା। ସେହିପରି ୧୯୭୧ ମସିହାରୁ ୧୯୯୯ ଯୋଗ ଦେଇଥିଲେ। ପୁରୀ ଜାଗେଶ୍ୱରୀ ଯୁବକ ସଂଘ ଓ କାଥୋଲିକ ରିଲିଫ ସର୍ଭିସ ଭୁବନେଶ୍ୱରର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜନ ହୋଇଥିଲା। ସମସ୍ତ କାଉନସିଲର ଓ ଆବାସ ବିଭାଗର କର୍ମଚାରୀ ମାନେ ତାଲିମ ପାଇଥିଲେ। ସଂଘର ରାଜ୍ୟ ସଂଯୋଜକ ରଞ୍ଜନ କୁମାର ମହାନ୍ତି, ପୁରୀ ଜିଲ୍ଲା ସଂଯୋଜକ ସୋନାଲୀମୟୀ ସାହୁ, ସହ ସଂଯୋଜକ ଚିନ୍ମୟ ବାରିକ ପ୍ରଭୃତି ତାଲିମ ଦେଇଥିଲେ।

### ● ଓଡଗାଁ, ଶରଣକୁଳରେ ସୁଧୁରିବ ସ୍ୱାସ୍ଥ୍ୟସେବ

## ୬ଜଣ ନୂତନ ଡାକ୍ତରଙ୍କ ନିଯୁକ୍ତି

ଓଡଗାଁ, ୩୦।୧(ସମିସ): ଓଡ଼ଗାଁ ବ୍ଲକ ଅଞ୍ଚଳର ସ୍ୱାସ୍ଥ୍ୟ ବିଭାଗ ପାଇଁ ଅନେକ ଡାକ୍ତର ପଦବୀ ଅଭାବ ରହିଥିବା ବେଳେ ଓଡଗାଁ ଓ ଶରଣକୁଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ୬ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିବା ଜଣାପଡ଼ିଛି। ଫଳରେ ରୋଗୀମାନେ ଅଧିକ ସ୍ୱାସ୍ଥ୍ୟ ସେବା ପାଇବାର ସୁଯୋଗ ପାଇବେ। ସୂଚନା ଅନୁସାରେ ରୋଗୀମାନେ ଦୂରଦୂରାନ୍ତରୁ ଆସି ଡାକ୍ତରଙ୍କୁ ଭେଟିବା ପାଇଁ ବହୁ ସମୟ ଧରି ଅପେକ୍ଷା କରି ରହିବାକୁ ପଡୁଥିଲା। ଡାକ୍ତର ନିଯୁକ୍ତି ପରେ ଏହି ସମସ୍ୟା ଦୂର ହୋଇପାରିବ। ରାଜ୍ୟ ସରକାରଙ୍କ ଦ୍ୱାରା ଓଡଗାଁ ବ୍ଲକକୁ ୬ଜଣ ଡାକ୍ତର ନିଯୁକ୍ତି କରିଛନ୍ତି। ପୂର୍ବରୁ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣ ଏମ୍‌ବିବିଏସ୍ ଡାକ୍ତର ଥିବା ବେଳେ ଶରଣକୁଳରେ ୨ଜଣ ଏମବିବିଏସ୍ ଡାକ୍ତର ଥିଲେ। ଏହାଛଡ଼ା ୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ କୁରାଳକୁ ଛାଡି ଦେଲେ ବାକି ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଲେଖାଏଁ ଏମବିବିଏସ୍ ଡାକ୍ତର ରହିଥିଲେ। ବ୍ଲକରେ ପ୍ରାୟ ଦେଢ଼ଲକ୍ଷ ଲୋକଙ୍କୁ ୧୧ଜଣ ଡାକ୍ତର ସେବା ଯୋଗାଇବା ସମ୍ଭବପର ହେଉନଥିବାରୁ ବିଭିନ୍ନ ସମୟରେ ଅସନ୍ତୋଷ ଦେଖା ଯାଉଥିଲା। ଏବେ ଶରଣକୁଳକୁ ୩ଜଣ, ଓଡଗାଁକୁ ୨ଜଣ ଏବଂ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ଏମବିବିଏସ୍ ଡାକ୍ତର ନିଯୁକ୍ତ କରାଯାଇଛି। ନୂତନ ଡାକ୍ତର ନିଯୁକ୍ତି ପରେ ଅଞ୍ଚଳରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଗୁରୁତର ରୋଗୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସେବା ଯୋଗାଇ ଦିଆଯିବ ବୋଲି ଶରଣକୁଳ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅବିନାଶ ନାୟକ ସୂଚନା ଦେଇଛନ୍ତି।

### ● ମାସକରେ ୫୦ ପ୍ରତିଶତ ଧାନକିଣା

## ଟାର୍ଗେଟ ଛୁଇଁ ପାରିବେନି ଅନେକ ପାକ୍ସ

ନୟାଗଡ଼, ୩୦।୧(ସମିସ): ନୟାଗଡ଼ ଜିଲ୍ଲାରେ ଡିସେମ୍ବର ୨୭ ତାରିଖରୁ ଧାନକିଣା ଆରମ୍ଭ ହୋଇଛି। ୧୫୩ ପ୍ୟାକ୍ସ ଅଧିନସ୍ଥ ୧୬୭ ମଣ୍ଡିରେ ଧାନକିଣା ଯାଉଥିବା ବେଳେ ମାସକ ମଧ୍ୟରେ ୫୦ ପ୍ରତିଶତ ଧାନକିଣା ଶେଷ ହୋଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ୫୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ମଙ୍ଗଳବାର ସଂଧ୍ୟା ସୁଦ୍ଧା ୨୪ ହଜାର ୨୩୫ ଜଣ ଚାଷୀ ଧାନ ବିକ୍ରି କରି ସାରିଛନ୍ତି। ଜିଲ୍ଲାରେ ମୋଟ ୭ ଲକ୍ଷ ୬୯ ହଜାର ୩୩୭ କ୍ୱିଣ୍ଟାଲ ଧାନକିଣା ଶେଷ ହୋଇଛି।

ନୟାଗଡ଼ ଜିଲ୍ଲାରେ ୧୭ ଜଣ ମିଲର ଧାନକିଣାରେ ସାମିଲ ହେବା ପାଇଁ ଲକ୍ଷ ରହିଥିଲା। ୧୫ ଜଣ ମିଲର ଧାନ କିଣିବା ପାଇଁ ଚୁକ୍ତି ହୋଇ କିଣା ଚାଲିଛି। ଜିଲ୍ଲାରେ ମୋଟ ୧୪ ଲକ୍ଷ ୨୮ ହଜାର ୩୮୩ କ୍ୱିଣ୍ଟାଲ ଧାନକିଣିବା ପାଇଁ ଟାର୍ଗେଟ ରହିଛି। ଅନେକ ମଣ୍ଡିରେ ସୂଚାରୁ ରୂପରେ ଧାନକିଣା ଚାଲିଥିବା ବେଳେ ଅନେକ ସ୍ଥାନରେ ଧାନକିଣା ମାନ୍ଦା ଅବସ୍ଥାରେ ଚାଲିଛି। ଜିଲ୍ଲାର କିଛି ମଣ୍ଡି ୩୦ ପ୍ରତିଶତ ଧାନ କିଣି ପାରି ନାହାନ୍ତି। ସ୍ଥାନୀୟ ଅଞ୍ଚଳରୁ ବେପାରୀମାନେ ଧାନକିଣି ରାଜ୍ୟ ବାହାରକୁ ଚାଲାଣ କରିଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଜିଲ୍ଲାରେ ଟାର୍ଗେଟ ଛୁଇଁବା କଷ୍ଟକର ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଅନେକ ପ୍ୟାକ୍ସ ଟାର୍ଗେଟର ୫୦ ପ୍ରତିଶତ ଛୁଇଁ ପାରିବେ ନାହିଁ ବୋଲି ଅନୁମାନ ହେଲାଣି। ଚଳିତ ବର୍ଷ ଜିଲ୍ଲାରେ ଏଭଳି ସ୍ଥିତି ଉଭୟ ସରକାର ଏବଂ ପ୍ରଶାସନକୁ ବଦନାମ କରିବ ବୋଲି ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲାରେ ଧାନ ବିକ୍ରି ବାବଦ ୧୩ ହଜାର ୫୦୮ ଜଣ ଚାଷୀଙ୍କ ଖାତାକୁ ୯୪ କୋଟି ୬୧ ଲକ୍ଷ ୯୭ ହଜାର ୨୪୯ ଟଙ୍କା ପଠା ସରିଥିବା ସୂଚନା ମିଳିଛି। ୨୦ ଜଣ ଚାଷୀ ଧାନ ବିକ୍ରି ପରେ ଆକାଉଣ୍ଟ ଭୁଲ ପାଇଁ ଟଙ୍କା ପାଇବାରେ ସମସ୍ୟା ସୃଷ୍ଟି ହୋଇଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଜ୍ୟୋତ୍ସ୍ନାରାଣୀ ମିଶ୍ର
ଆବିର୍ଭାବ: ୦୬.୧୦.୧୯୫୬
ତିରୋଧାନ: ୨୬.୦୧.୨୦୨୪
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:
ଶୁଦୀପ, ଶୁଭଶ୍ରୀ, ନିବେଦିତା, ରାଣୀ, ଆଦିତ୍ୟ, ବିଶ୍ୱ, ସୋହନ, ବ୍ରିନ୍ଦା, ସୁବି ଏବଂ ସତ୍ୟଚେତନା ପରିବାର ବୃନ୍ଦ

ANIMESH FOOD PRODUCTS
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com




Contact: 8895052838 / 8596070800

### ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣକୁ ଭୁଲି ଯାଇଛି ବିଭାଗ

# କଦଳୀବନ୍ଧ-ଆମ୍ବରାପୁର ଗମନାଗମନ ବିପର୍ଯ୍ୟସ୍ତ

ଓଡ଼ଗାଁ, ୩୦।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ୨୧ ନମ୍ବର ରାଜ୍ୟ ରାଜପଥ ଅନ୍ତର୍ଗତ ଭୁବନେଶ୍ୱର-ଭଞ୍ଜନଗର ରାସ୍ତାର ଇଣ୍ଡିଆନ ପ୍ରେଟ୍ରୋଲ ପମ୍ପ ସମ୍ମୁଖ ଦେଇ




ଯାଇଥିବା ବହୁ ଗୁରୁତ୍ୱପୂର୍ଣ୍ଣ କଦଳୀବନ୍ଧ-କୈବଲ୍ୟପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ନିମନ୍ତେ ଅର୍ଥ ବ୍ୟୟ ବରାଦ ହୋଇଥିଲେ ମଧ୍ୟ ବର୍ଷ ବର୍ଷ ଧରି କାମ ନହୋଇ କାହା ସ୍ୱାର୍ଥରେ ପଡ଼ିରହିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଦଳୀବନ୍ଧ ଠାରୁ ଆମ୍ବରାପୁର ସଂଯୋଗୀକରଣ ରାସ୍ତା ଏପରି ବିପଦ ସଂକୁଳ ଅବସ୍ଥାରେ ରହିଛି, ଯେ ଚାଲିକରି ଯିବା ଅସମ୍ଭବ ହୋଇପଡ଼ିଛି। ପ୍ରତ୍ୟହ ଏହି ରାସ୍ତା ସଂଲଗ୍ନ ଗ୍ରାମରୁ ହଜାର ହଜାର ଜନସାଧାରଣ ଗମନା ଗମନ କରୁଥିବା ବେଳେ ନୟାଗଡ଼ ପଲ୍ଲୀଟେକନିକ, ରଘୁନାଥ ସମବାୟ ମହାବିଦ୍ୟାଳୟ, ପିମିଟ, ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାପୀଠ ଇତ୍ୟାଦି ସ୍କୁଲ କଲେଜର ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଅନ୍ୟପକ୍ଷରେ ଉକ୍ତ ରାସ୍ତାର ପାର୍ଶ୍ୱରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଡ଼ଗାଁକୁ ପ୍ରତ୍ୟହ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ବିଭିନ୍ନ ଗ୍ରାମରୁ ଆସୁଥିବା ବେଳେ ସ୍କୁଲ ନିକଟରେ ଓଡ଼ଗାଁ ଏନ୍‌ଏସି ଦ୍ୱାରା ଏକ ନୂତନ କଲ୍ୟାଣୀ ମଣ୍ଡପ ମଧ୍ୟ ନିର୍ମାଣ ଆରମ୍ଭ ହୋଇଛି। ଗୋଟିଏ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ପ୍ରଦାନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ୭ କିମି ରାସ୍ତା ନିର୍ମାଣ ନିମନ୍ତେ ୨୦୨୨ ମସିହା ଜୁନ ୨୦ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ ମସିହା ମେ ୧୯ ତାରିଖରେ କାର୍ଯ୍ୟଶେଷ ପାଇଁ ଅବଧି ରହିଥିଲା। କାହା ସ୍ୱାର୍ଥରେ ବର୍ତ୍ତମାନ ପର୍ଯ୍ୟନ୍ତ କାମ ନହୋଇ ଏଭଳି ଦୟନୀୟ ଅବସ୍ଥାରେ ପଡ଼ି ରହିଛି। ଅବହେଳା ପଛର କାରଣ କଣ ତାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ନିର୍ମାଣ ହେଉନଥିବା ସୁଯୋଗ ନେଇ କିଛି ଲୋକ ରାସ୍ତାରେ ବିଛା ଯାଇଥିବା ବଜୁରି ଗୁଣ୍ଡକୁ ହାତରେ ଗଦାଇ ନିଜକାମ ପାଇଁ ନେଉଥିବା ଦେଖା ଯାଇଛି।

# ଶ୍ରୀକ୍ଷେତ୍ର ସିଟି

୩୦/୧/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୭୮,୧୯୫/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍






ପରିକ୍ରମା ପ୍ରକଳ୍ପ ପରିଦର୍ଶନରେ ଆସିଥିବା ବିଭିନ୍ନ ଜିଲ୍ଲାର ଶ୍ରଦ୍ଧାଳୁ

## ଖବରକାଗଜ ହେଉଛି ସମାଜର ଦର୍ପଣ

**ପୁରୀ, ୩୦।୧(ସମିସ):** ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଦ ମୁମେଣ୍ଟ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଭାରତୀୟ ଖବର କାଗଜ ଦିବସ ପାଳିତ ହୋଇଛି। ଦ ମୁମେଣ୍ଟର ସଭାପତି ପ୍ରତିଭା ତ୍ରିପାଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମାଜସେବୀ ଚକ୍ରଧର ମହାପାତ୍ର, ରାଜଧାନୀ ମହାବିଦ୍ୟାଳର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଭିମନ୍ୟୁ ଭୂୟାଁ, ପ୍ରାକ୍ତନ ବ୍ୟାଙ୍କ ମ୍ୟାନେଜର କୈଳାସ ଚନ୍ଦ୍ର ସାହୁ, ଡ. କାର୍ତ୍ତିକ କୁମାର ଦାସ, ସ୍ତମ୍ଭକାର ଗୁରୁଚରଣ ଦାସ, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ଶିବସୁନ୍ଦର ମିଶ୍ର ପ୍ରମୁଖ ମଞ୍ଚସିନ ଥିଲେ। ପ୍ରାରମ୍ଭରେ ଦ ମୋମେଣ୍ଟର ସମ୍ପାଦକ ସାମ୍ବାଦିକ ପ୍ରଦୀପ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଆଲୋଚ୍ୟ ବିଷୟ ରହିଥିଲା 'ସ୍ୱଚ୍ଛ ଗଣମାଧ୍ୟମ ଓ ନିରପେକ୍ଷ ସାମ୍ବାଦିକତା'।

ଅତିଥିମାନେ କହିଥିଲେ ଯେ, ଖବର କାଗଜ ହେଉଛି ସମାଜର ଦର୍ପଣ। ଦେଶ ବିଦେଶର ଖବର ଜାଣିବା ଲାଗି ସକାଳୁ ସକାଳୁ ବିଭିନ୍ନ ବର୍ଗର ପାଠକ ଖବର କାଗଜକୁ ପଢ଼ନ୍ତି। ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଖବର କାଗଜ ପଢ଼ିବା ସହିତ ତାକୁ ସାଇତି ରଖିବାରେ ରୁଚି ରଖନ୍ତି। ଏଥିପାଇଁ ସମୟେ ସମୟେ ସେମାନଙ୍କୁ ମିଳିଥାଏ ସମ୍ମାନ ଓ ପୁରସ୍କାର। ଏହି ଅବସରରେ ବିଭିନ୍ନ ବର୍ଗର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜିତ ଆଲୋଚନାଚକ୍ରରେ ସାମ୍ବାଦିକ ବିକ୍ରମ କେଶରୀ ଆଚାର୍ଯ୍ୟ, ସମ୍ବାଦପତ୍ର ପାଠକ ଅଶୋକ କୁମାର ଆଢ଼ିୟ, ଅଧ୍ୟାପିକା ସୁଚିଶ୍ମିତା ମହାନ୍ତି, ହେମାଙ୍ଗିନୀ ମହାନ୍ତି, ବରିଷ୍ଠ ନାଗରିକ ଅଶୋକ ମହାନ୍ତି, ଡ. ରାନୁ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଗ୍ରହଣ କରିଥିଲେ। ସହ ସମ୍ପାଦକ ଅନନ୍ତ ପ୍ରସାଦ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ହେମନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଥ୍ରୋ' ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

## ପୁରୀ ମହିଳା, ଜଟଣୀ ପୁରୁଷ ଦଳ ବିଜୟୀ




**ପୁରୀ, ୩୦।୧(ସମିସ):** ଝାଡେଶ୍ୱରୀ କ୍ଲବ୍ ପରିସରରେ ଅନୁଷ୍ଠିତ ଦୁଇଦିନିଆ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ଟି ମହିଳା ଦଳ ଓ ୧୬ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ। ମହିଳାବର୍ଗ ଫାଇନାଲ ମ୍ୟାଚ୍‌ରେ ପୁରୀ ଦଳ ଯାଜପୁର ଦଳକୁ ୨-୦ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ସେହିପରି ପୁରୁଷ ବିଭାଗରେ ଜଟଣୀ ଦଳ ପୁରୀ ଦଳକୁ ୨-୧ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଯୁବ ଛାତ୍ର ଜନତା ଦଳ ସମ୍ପାଦକ ଅଭିଜିତ ମହାପାତ୍ର, ଝାଡେଶ୍ୱରୀ କ୍ଲବ ସମ୍ପାଦକ ପାର୍ଥସାରଥି ମହାପାତ୍ର, ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ଓଡ଼ିଶା ଥ୍ରୋ ବଲ୍ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଦୀପ୍ତିରଞ୍ଜନ ସାମନ୍ତରାୟ, ପାର୍ଥସାରଥି ଦାସ, ରବିନାରାୟଣ ରାୟ, ନିମାଇଁ ଚରଣ ଦାସ, ସଞ୍ଜୟ ମିଶ୍ର ଓ ସିତେନ୍ଦ୍ର ନାଥ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ପଞ୍ଚକୋଶୀ ଅଞ୍ଚଳ ମଦମୁକ୍ତ ହେଉ

**ପୁରୀ, ୩୦।୧(ସମିସ):** ଶ୍ରୀକ୍ଷେତ୍ର ପୁରୀର ପଞ୍ଚକୋଶୀ ଅଞ୍ଚଳକୁ ମଦମୁକ୍ତ କରାଯାଉ। ଶ୍ରୀକ୍ଷେତ୍ର ଏକ ଆଧ୍ୟାତ୍ମିକ ସ୍ଥଳ। ଏଠାରେ ଖୁଲମଖୁଲା ମଦ ବିକ୍ରି ଯୋଗୁ ଆଧ୍ୟାତ୍ମିକତା ନଷ୍ଟ ହେଉଛି। ତେଣୁ ଲାଇସେନ୍ସପ୍ରାପ୍ତ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଫଳରେ ଧାର୍ମିକ ଭାବନା କ୍ଷୁର୍ଣ୍ଣ ନ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି ହେବ। ଭାରତ ବର୍ଷରେ ଅନେକ ତୀର୍ଥସ୍ଥାନ ରହିଛି ଯେଉଁଠାରେ ମଦ ବିକ୍ରି ନିଷେଧ କରାଯାଇଛି। ତେଣୁ ଶ୍ରୀକ୍ଷେତ୍ର ପୁରୀର ଏହି ପବିତ୍ର କ୍ଷେତ୍ରକୁ ନିରାପଦ ଓ ଗରିମାମୟ କରିବା ପାଇଁ ଏଠାରେ ମଧ୍ୟ ମଦ ବିକ୍ରି ଓ ନିଶା ଦ୍ରବ୍ୟ ବ୍ୟବହାରକୁ ନିଷେଦ୍ଧ କରାଯାଉ ବୋଲି ପବିତ୍ର ଗାନ୍ଧୀ ସ୍ମୃତି ପୀଠରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ସ୍ୱେଚ୍ଛାସେବୀମାନେ ସଂକଳ୍ପ ନେଇ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଆହ୍ୱାନରେ ମିଶନ ଓଡ଼ିଶା, ପ୍ରତିଶ୍ରୁତି, ସେଣ୍ଟଜୋନ ଆମ୍ବୁଲାନ୍ସ, ନିଶାମୁକ୍ତି ଅଭିଯାନ ପୁରୀ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ପ୍ରଦାନ କରିବା ପରେ ପରିକ୍ରମା କରିଥିଲେ।

ଏଥିରେ ମିଳିତ ଓଡିଆ ଅଭିଯାନର ଅପର୍ଣ୍ଣା ନାୟକ, ଚକ୍ରଧର ମହାପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଛାୟାକାନ୍ତ ନାୟକ, ମନୋଜ କୁମାର ନାୟକ, ଶୁଭଶ୍ରୀ ଦାଶ, ଶିବରାମ ପ୍ରଧାନ, ପଦ୍ମଚରଣ ମହାପାତ୍ର, ବାସନ୍ତୀ ସେଠୀ, ଜ୍ୟୋସ୍ନାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ମିଶ୍ର, ପୂର୍ଣ୍ଣଭ କାମନା ଓତା, ପ୍ରିୟଙ୍କା ମହାପାତ୍ର, ଅଞ୍ଜନା ବାରିକ, ପ୍ରମିଳା ମହାନ୍ତି, ହରିଶଙ୍କର ମିଶ୍ର, ରମେଶ ଚନ୍ଦ୍ର ସାହୁ, ଜଗନ୍ନାଥ ଷଡଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ।

# ଶହୀଦ ଦିବସରେ ଶାନ୍ତି ପଦଯାତ୍ରା

**ପୁରୀ, ୩୦।୧(ସମିସ)**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ତିଥି ତଥା ଶହୀଦ ଦିବସରେ ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଏକ ଶାନ୍ତି ପଦଯାତ୍ରା ସହିତ ଗାନ୍ଧୀ ଦର୍ଶନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ଅଡିଟ





ମହାସଂଘର ମହାସଚିବ ତଥା ବିଶିଷ୍ଟ ଗାନ୍ଧୀବାଦୀ ଗୌରାଙ୍ଗ ଚରଣ ପରିଡ଼ା ପଦଯାତ୍ରାର ଶୁଭାରମ୍ଭ କରିବା ସାଙ୍ଗେ ସଙ୍ଗେ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟ ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ଅତିଥି ରୂପେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ଶିଳ୍ପଦ୍ୟୋଗୀ ଶଙ୍କର ନାଥ ବାନାର୍ଜୀ, ଅଞ୍ଜନା ବାନାର୍ଜୀ, ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ ଓ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ।

କୁନି କୁନି ବିଦ୍ୟାର୍ଥୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟଅତିଥି ଶ୍ରୀ ପରିଡ଼ା କହିଥିଲେ ଯେ, ଗାନ୍ଧୀଙ୍କ ବିଚାରଧାରା ଅତି ସହଜ ଓ ସରଳ। ଏହି ବିଚାରକୁ ଧରିବା ସହଜ କିନ୍ତୁ ଛାଡ଼ିବା ସେତେ ସହଜ ନୁହେଁ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଜୀବନ ଯାପନ, ସମର୍ପିତ ଭାବ, ସ୍ୱଚ୍ଛ ମନରେ ସତ୍ୟ ଅହିଂସା ଆଧାରରେ ନିଜର କର୍ମ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିଛନ୍ତି। ଗାନ୍ଧୀଙ୍କ ବିଚାରରେ ମିଥ୍ୟାଚାର, ହିଂସା, ଦ୍ୱେଷ, କ୍ରୋଧ, ଘୃଣା, ଲୋଭ, ଗର୍ବ, ଅହଂକାର, ପକ୍ଷପାତିତା ଆଦି ଅମାନବୀୟ ଗୁଣ ପରିହାର କରି ମନୁଷ୍ୟ ସତ୍ୟ, ଅହିଂସା, ନ୍ୟାୟ, ତ୍ୟାଗ, ସେବା, କରୁଣା, ନମ୍ରତା ଓ ସାଧୁତା ଉପରେ ଦୃଢ ମନ ରଖିବା ଉଚିତ। ହୃଦୟବାନ ବ୍ୟକ୍ତି କେବେ ହେଲେ ବିବେକ ବଇରୀ ନହେବା ପାଇଁ ଗାନ୍ଧିଜୀ ପରାମର୍ଶ ଦେଉଥିଲେ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ। ପ୍ରତ୍ୟୁଷରେ ବିଦ୍ୟାଳୟର କୁନିକୁନି ବିଦ୍ୟାର୍ଥୀଙ୍କର ଏକ ଶାନ୍ତି ପଦଯାତ୍ରା ଅଠରନଳାଠାରୁ ବାହାରି ଗୋପୀନାଥ ପୁର, ଖଣ୍ଡିଆବନ୍ଧ, ଦେବୀଘାଟ ଦେଇ ଜଟିଆ ବାବା ଛକସ୍ଥିତ କୃଳଦା ନନ୍ଦ ବ୍ରହ୍ମଚାରୀ ଆଶ୍ରମରେ ପହଞ୍ଚିଥିଲା। ଏହାପରେ ମଠରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୁରୀରେ ପହଞ୍ଚିଲେ ନୂତନ ଏସ୍‌ପି

## ଦାୟିତ୍ୱ ଗ୍ରହଣ ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ

**ପୁରୀ, ୩୦।୧(ସମିସ):** ପୁରୀରେ ନୂତନ ଏସ୍‌ପି ପିନାକ ମିଶ୍ର। ଦାୟିତ୍ୱ ଗ୍ରହଣ ପୂର୍ବରୁ ମଙ୍ଗଳବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଅପରାହ୍ନରେ ଶ୍ରୀ ମିଶ୍ର ଶ୍ରୀମନ୍ଦିର ସିଂହଦ୍ୱାରଠାରେ ପହଞ୍ଚିଥିଲେ। ତାଙ୍କୁ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ସମେତ ସମସ୍ତ ଥାନାର ଅଧିକାରୀ ସ୍ୱାଗତ କରିଥିଲେ। ଏହାପରେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ପୁରୀ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତି ହୋଇଥିବାରୁ ସେ ନିଜକୁ



ଧନ୍ୟ ମନେ କରୁଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ତାଙ୍କ ସେବା କରିବା ଲାଗି ସୁଯୋଗ ମିଳିଛି। ଏହା ନିଶ୍ଚିତ ଏକ ଗୁରୁ ଦାୟିତ୍ୱ। କିନ୍ତୁ ସମସ୍ତେ ମିଳିମିଶି ଉତ୍ତମ ପୁଲିସ ସେବା ଯୋଗାଇଦେବା। ବୁଧବାର ଦାୟିତ୍ୱ ନେବା ନେବା ପରେ ସେ ସମସ୍ତଙ୍କ ସହ ଆଲୋଚନା କରିବେ। ସମସ୍ତଙ୍କ ସହିତ ସହଯୋଗ ରଖି ପୁଲିସ କାର୍ଯ୍ୟ କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଚଳିତ ବର୍ଷ ଶୃଙ୍ଖଳିତ ରଥଯାତ୍ରା, ସେବାୟତଙ୍କ ସହ ଉତ୍ତମ ସମନ୍ୱୟ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପିନାକଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହବ।

### ବିଶ୍ୱମ୍ଭର ବିଦ୍ୟାପୀଠର ବାର୍ଷିକ ଉତ୍ସବ

## କ୍ରୀଡ଼ା, ଶିକ୍ଷାରେ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ

**ପୁରୀ, ୩୦।୧(ସମିସ):** ବିଶ୍ୱମ୍ଭର ବିଦ୍ୟାପୀଠର ବାର୍ଷିକ ଉତ୍ସବ 'ଉନ୍ମେଷ-୨୦୨୪' ମଙ୍ଗଳବାର ବେଶ୍ ଧୂମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗ ଯଥା କ୍ରୀଡ଼ା, ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଭିନ୍ନ ବର୍ଗର ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପଦକ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଦ୍ୟାଳୟର ବିଭିନ୍ନ କ୍ଲବର ଯଥା ସୃଜନୀ, କୌଶଳୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୁରୀ ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ସ୍ୱାଇଁ, ତହସିଲଦାର ଅଭିଷେକ ଦାସ, ମୋ ସ୍କୁଲ ସଭାପତି ରମାବଲ୍ଲଭ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ସଭାପତି ବୀରେନ୍ଦ୍ର ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସାମର୍ଥା ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭଶ୍ରୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



## ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଦ୍ୱିତୀୟ ସ୍ୱନକ୍ଷତ୍ର

**ପୁରୀ, ୩୦।୧(ସମିସ):** ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ରବିବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଗଣତନ୍ତ୍ର, ଗଣମାଧ୍ୟମର ଭୂମିକା ଓ ୨୦୨୪ ନିର୍ବାଚନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଏକ ସର୍ବେକ୍ଷଣର ରିପୋର୍ଟର ତଥ୍ୟକୁ ଭିତ୍ତି କରି କହିଲେ, ଦେଶରେ ୧୦୦ରୁ ୮୨ ଜଣ ଚିହ୍ନ ଦେଖି ଭୋଟ ଦିଅନ୍ତି। ୧୮ ପ୍ରତିଶତ ବ୍ୟକ୍ତିତ୍ୱ ଦେଖି ଭୋଟ ଦିଅନ୍ତି। ସ୍ୱାକ୍ଷରଙ୍କ ସଂଖ୍ୟା ବଢ଼ିଥିବାରୁ ଆଉ ଚିହ୍ନର ଆବଶ୍ୟକ ନାହିଁ। ଚିହ୍ନ ଉଠିଗଲେ ଲୋକେ ତାଙ୍କ ନେତାଙ୍କୁ ଚିହ୍ନି ଭୋଟ ଦେବାକୁ ନିଷ୍ପତ୍ତି ନେବେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଇଣ୍ଟେଲେକଚୁଆଲ ଗ୍ରୁପର ଆବାହକ ସଜ୍ଜନ କୁମାର ଶର୍ମା, ବିଶିଷ୍ଟ ସାମ୍ବାଦିକ ସମ୍ପଦ ମହାପାତ୍ର, କଂଗ୍ରେସ ସେବା ଦଳର ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, କଳିଙ୍ଗ ଟିଭିର ଡେପୁଟି ଏଡିଟର ମୃଣାଳକାନ୍ତି ନନ୍ଦ, ବିଶିଷ୍ଟ ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ ଆଲୋଚ୍ୟ ପ୍ରସଙ୍ଗରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ବିଶିଷ୍ଟ ସାମ୍ବାଦିକ ସମ୍ପଦ ମହାପାତ୍ରଙ୍କୁ ଜୀବନ ବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଭାସ୍କର ମିଶ୍ର, ମନୋଜ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବାଦପତ୍ରର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହୋଇଥିଲା। ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତାରେ ବିଧାୟକ ଜୟନ୍ତ ଷଡଙ୍ଗୀ, ମଧୁସୂଦନ ସିଂହାରୀ, ଶଙ୍କର୍ଷଣ ପରିଡ଼ା ଓ ଗୌରହରି ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। 'ଶ୍ରୀ ଶ୍ରୀକ୍ଷେତ୍ର ସୂଚନା'ର ସମ୍ପାଦକ ରାଜେଶ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରର ସଂଯୋଜକ ବଦ୍ରି ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସଂଯୋଜକ ବିଶ୍ୱନାଥ ମିଶ୍ର ଓ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମାର୍କଣ୍ଡେୟ ସ୍ମୃତି ସଂସଦର ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଉତ୍ସବ

**ପୁରୀ, ୩୦।୧(ସମିସ):** ମାର୍କଣ୍ଡେୟ ସ୍ମୃତି ସଂସଦ ଆନୁକୂଲ୍ୟରେ ପଣ୍ଡିତ ଗୁରୁ ମାର୍କଣ୍ଡେୟ ମହାପାତ୍ର ଶର୍ମାଙ୍କ ସ୍ମୃତିରେ ପଞ୍ଚମ ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶ୍ରୀକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଜୟନ୍ତ ଷଡଙ୍ଗୀ, ବରିଷ୍ଠ ସେବାୟତ ଭଗବାନ ମହାସୁଆର ଏବଂ ବର୍ଷିୟାନ୍ ଗୀତିକାର କବିତିଳକ ଆର୍ତ୍ତତ୍ରାଣ ଶତପଥୀ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଅତିଥିଙ୍କ ଦ୍ୱାରା ପଣ୍ଡିତ ମାର୍କଣ୍ଡେୟ, ପଣ୍ଡିତ ରାମଶଙ୍କର ଷଡଙ୍ଗୀ ଏବଂ ଡ. ଦେବଦତ୍ତ ସାମନ୍ତସିଂହାରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରତିଭା ପୂଜାରେ ଓଡିଶୀ ସଙ୍ଗୀତ ଗୁରୁ କେଶବ ଚନ୍ଦ୍ର ରାଉତ, ସିତାର ବାଦକ ସତ୍ୟ ନାରାୟଣ ଗୁରୁ ଏବଂ ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତିଙ୍କୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଆଯିବ: ଜିଲ୍ଲାପାଳ

**ପୁରୀ, ୩୦।୧(ସମିସ)**

ପୁରୀର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଜୟ କୁମାର ଦାଶ। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସେ ଏହି ନୂତନ ଦାୟିତ୍ୱ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଜିଲ୍ଲାରେ ଚାଲିଥିବା ସରକାରଙ୍କ ଯୋଜନା କିଭଳି ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିବ ସେ ଦିଗରେ କାର୍ଯ୍ୟ କରିବେ। ଆଗକୁ ସାଧାରଣ ନିର୍ବାଚନ ଓ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚଳନା ଦୁଇଟି ପ୍ରମୁଖ ଓ ଗୁରୁ ଦାୟିତ୍ୱ ରହିଛି। ନିର୍ବାଚନ କମିଶନରଙ୍କ ନିୟମକାନୁନ୍ ଓ ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ କିଭଳି ଶୃଙ୍ଖଳିତ ଓ ସୁରୁଖୁରୁରେ ଶେଷ ହେବା ନେଇ କାର୍ଯ୍ୟ କରିବେ। ନିର୍ବାଚନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସୁରୁଖୁରୁରେ ଶେଷ କରିବା ଏକ ବଡ ଚାଲେଞ୍ଜ। ପୁରୀ ସହରରେ ୪ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନତି ଓ ବିକାଶମୂଳକ କାର୍ଯ୍ୟ ଚାଲିଛି। ସ୍ଥିରୀକୃତ ସମୟ ଅନୁଯାୟୀ ଏ ସମସ୍ତ କାର୍ଯ୍ୟ କିଭଳି ଠିକ୍ ସମୟରେ ସରିବ ସେ ନେଇ ଗୁରୁତ୍ୱ ଦେବେ। ବିଶେଷକରି ପୁରୀ ଜିଲ୍ଲାର ୧୧ଟି ବ୍ଲକ ଓ ପୁରୀ ସହରରେ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ଶୁଣାଣି ନିୟମିତ କରିବେ। ସମସ୍ତ ପ୍ରକଳ୍ପ ଓ ବିକାଶମୂଳକ କାର୍ଯ୍ୟ ନେଇ ସପ୍ତାହରେ ଥରେ କିମ୍ବା ୧୫ ଦିନରେ ଥରେ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକ ଓ ସମୀକ୍ଷା କରିବେ ବୋଲି କହିଛନ୍ତି ନୂତନ ଜିଲ୍ଲାପାଳ ଶ୍ରୀ ଦାଶ। ପୁରୀ ପାଇଁ ଅନେକ ସ୍ୱପ୍ନ ରହିଛି। ଆଗାମୀ ସମୟରେ ସମସ୍ତଙ୍କ ସହଯୋଗରେ ସେ ଏହି ସ୍ୱପ୍ନ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି। ପୁରୀର ଜିଲ୍ଲାପାଳ ଭାବେ ଯୋଗଦେବା ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସଚିବ ଭାବେ କାର୍ଯ୍ୟରତ ଥିଲେ ଶ୍ରୀ ଦାଶ। ତେବେ କାର୍ଯ୍ୟରେ ଯୋଗ ଦେବା ପରେ ସୋମବାର ସମଙ୍ଗ ପାର୍କିଂସ୍ଥଳ ପରିଦର୍ଶନ କରିଥିଲେ। ଶ୍ରୀମନ୍ଦିର ଓ ପରିକ୍ରମା ପ୍ରକଳ୍ପ ଦର୍ଶନରେ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସୁବ୍ୟବସ୍ଥିତ କରିବା ଲାଗି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ନିମାପଡ଼ା ବଜାର ଜବରଦଖଲ ଉଚ୍ଛେଦ ଜାରି

# ୪ର୍ଥ ଦିନରେ ୨ଶହରୁ ଊର୍ଦ୍ଧ୍ୱ ଦୋକାନ ଉଚ୍ଛେଦ

ନିମାପଡ଼ା, ୩୦।୧(ସମିସ)



ନିମାପଡ଼ା ବଜାରର ସୌନ୍ଦର୍ଯ୍ୟକରଣ ଏବଂ ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତାକାର୍ଯ୍ୟ ଜୋରଦାର ଚାଲିଛି। ସରକାରୀ ଜାଗାରେ ଜୋର ଜବରଦସ୍ତ ଦୋକାନ କରିଥିବା ଦୋକାନୀଙ୍କୁ ସ୍ଥାନ ଖାଲି କରିବାକୁ ସ୍ଥାନୀୟ ପ୍ରଶାସନ ତରଫରୁ ନୋଟିସ ଜରିଆରେ ଜଣାଇ ଦିଆଯାଇଥିଲା। ପରେ ତହସିଲ, ପୂର୍ତ୍ତ ବିଭାଗ ଓ ଏନ୍‌ଏସି ତରଫରୁ ନିମାପଡ଼ା ବଜାରର ସରକାରୀ ଜାଗାରୁ ଜବରଦଖଲ କରିଥିବା ଛୋଟ, ବଡ ବ୍ୟବସାୟୀଙ୍କ ଦୋକାନକୁ ଉଚ୍ଛେଦ କରାଯାଉଛି। ଉଚ୍ଛେଦ ଯୋଗୁଁ ଶହ ଶହ ଦୋକାନୀ ତାଙ୍କର ରୋଜଗାର ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଉଚ୍ଛେଦ କାର୍ଯ୍ୟ ଚତୁର୍ଥ ଦିନରେ ପହଁଞ୍ଚିଥିବା ବେଳେ କେତେକ ସ୍ଥାନରେ ଛୋଟମୋଟ ବିରୋଧ ସତ୍ତ୍ୱେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରିରହିଛି। ତହସିଲ ପ୍ରଶାସନ ସରକାରୀ ଜାଗାକୁ ଦଖଲକୁ ନେଇ ଏନ୍‌ଏସିକୁ ତୁରନ୍ତ ହସ୍ତାନ୍ତର କରିବାର ଆବଶ୍ୟକତା ରହିଛି। ପରବର୍ତ୍ତି ସମୟରେ ଭେଣ୍ଡିଂଜୋନ ଓ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇ ଉଚ୍ଛେଦ ବ୍ୟବସାୟୀଙ୍କୁ ଯୋଗାଇ ଦିଆଯିବ ବୋଲି ଏନ୍‌ଏସି ପକ୍ଷରୁ ସୁଚନା ମିଳିଛି। ମଙ୍ଗଳବାର ଉଚ୍ଛେଦ ସମୟରେ ତହସିଲଦାର ବିଦ୍ୟାଧର ପତି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟଙ୍କ ସମେତ ବିଦ୍ୟୁତ ବିଭାଗ, ତହସିଲ ବିଭାଗ, ଏନ୍‌ଏସି ବିଭାଗ, ପୂର୍ତ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ରାସ୍ତା ପାର୍ଶ୍ୱରେ ଥିବା ସମସ୍ତ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲଦାର ଶ୍ରୀପତି ପ୍ରକାଶ କରିଛନ୍ତି।

## ମା'ମଙ୍ଗଳାଙ୍କ ମନ୍ଦିରରେ ଲାଗିଲା ଇ-ହୁଣ୍ଡି




**କାକଟପୁର /ଗମ୍ଭାରୀପଦା, ୩୦।୧(ସମିସ):** କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି କାକଟପୁର ଇକୋ ବ୍ୟାଙ୍କ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଇ-ହୁଣ୍ଡି ସ୍ଥାପିତ କରାଯାଇଛି। କ୍ୟାସଲେସ୍ ବ୍ୟବସ୍ଥା ମାଧ୍ୟମରେ ଏବେ ଠାରୁ ଶ୍ରଦ୍ଧାଳୁମାନେ ମା'ଙ୍କ ଉଦ୍ଦେଶ୍ୟରେ ନିଜନିଜ ସାଧ ମତେ ଦାନ କରିପାରିବେ।ଏହି ଅବସରରେ ବ୍ୟାଙ୍କ ଶାଖା ପରିଚାଳକ ସୁବାଶୀଷ ପଣ୍ଡା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶଙ୍କ ସମେତ କେତେକ ସେବାୟତ ଉପସ୍ଥିତ ଥିଲେ।

## ବ୍ରାଉନସୁଗର୍ ଜବତ; ବେପାରୀ ଗିରଫ



**କୋଣାର୍କ, ୩୦।୧(ସମିସ):** ମଙ୍ଗଳବାର କୋଣାର୍କ ଅବକାରୀ ଥାନା ପକ୍ଷରୁ ସ୍ଥାନୀୟ ମେଡିକାଲ ଛକ ସଂଲଗ୍ନ ଡାକଘର ନିକଟରୁ ୪୪ଗ୍ରାମ ବ୍ରାଉନସୁଗର ଜବତ କରାଯିବା ସହିତ ବ୍ରାଉନସୁଗର ବିକ୍ରି କରୁଥିବା ଯୁବକ ରାକେଶ ଆଚାର୍ଯ୍ୟ(୨୪)ଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ୪ଲକ୍ଷ ୪୦ହଜାର ଟଙ୍କା ହେବ ବୋଲି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରା କହିଛନ୍ତି।

## ବିପଦପୂର୍ଣ୍ଣ ବିଦ୍ୟାଳୟ ଗୃହରେ ପାଠପଢ଼ା



**ନୟାହାଟ, ୩୦।୧(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତର କରୁଆଳ ଠାରେ ଥିବା ଦେଶବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ୫-ଟି ଯୋଜନାରେ କାର୍ଯ୍ୟ ସରିନଥିବା ବେଳେ ତରବରିଆ ଭାବେ ଉଦ୍‌ଘାଟନ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ପୁରୁଣାଛାତ ତଳେ କାନ୍ଥ ଫାଟି ମେଲାହୋଇଛି।ଯାହା ଫଳରେ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ନିରାପଦ ମଣୁନାହାନ୍ତି।ଉକ୍ତ ବିଦ୍ୟାଳୟ ମଧ୍ୟରେ ରୂପାନ୍ତରଣ କାର୍ଯ୍ୟ ଶେଷ ନହୋଇଥିବାରୁ ଉଦ୍‌ଘାଟନକୁ ନେଇ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର, ଭ୍ରମରବର ବାରିକ, ଧନେଶ୍ୱର ବେହୁରା ପ୍ରମୁଖ ଦୃଢ଼ ପ୍ରତିବାଦ କରିଥିଲେ। ଉଦ୍‌ଘାଟନ ପରେ କାର୍ଯ୍ୟ ଶେଷ ହେବ ବୋଲି ଶିକ୍ଷକମାନେ କହିଥିଲେ।

## ଉଦ୍‌ଘାଟନ ପୂର୍ବରୁ ଫଳକ ଭଙ୍ଗା

**କାକଟପୁର/ଗମ୍ଭାରୀପଦା, ୩୦।୧(ସମିସ):** କାକଟପୁର ବ୍ଲକ ପରିସରରେ ନବ ନିର୍ମାଣ ମିଶନ ଶକ୍ତି କାଫେ ଓ ମିଶନଶକ୍ତି ଗୃହ ସମ୍ପୂର୍ଣ୍ଣ କାମ ନ ସରିବା ପୂର୍ବରୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ମଙ୍ଗଳବାର ଉଦ୍‌ଘାଟନ କରିବାର ଥିଲା। କିନ୍ତୁ ସୋମବାର ରାତିରେ କେହି ଦୁର୍ବୃତ୍ତ ସେହି ଫଳକକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ସେଥିପାଇଁ କାକଟପୁର ଥାନା ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ବ୍ଲକ ହେଡକ୍ୱାଟର ସରପଞ୍ଚ, ନୋମିନୀ ଓ ଉପାଧ୍ୟକ୍ଷ ମନ୍ତ୍ରୀଙ୍କ ବିରୋଧି ଗୋଷ୍ଠୀ ହୋଇଥିବାରୁ ସେମାନଙ୍କ ନାମକୁ ଫଳକରେ ରଖାଯାଇ ନଥିବା, ସରପଞ୍ଚ ରୀନା ନାୟକ ଅଭିଯୋଗ କରିବାରୁ ତାଙ୍କୁ ବିପକ୍ଷ ଗୋଷ୍ଠୀର କେତେକ ବ୍ୟକ୍ତି ଅପମାନିତ କରିଥିବା ଶ୍ରୀମତୀ ନାୟକ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁରୀ



ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କାକଟପୁର ବ୍ଲକରେ ଆବଶ୍ୟକତା ଠାରୁ ଅଧିକ ସମ୍ପୃକ୍ତି ରହିବା ଫଳରେ ସାଧାରଣ ଲୋକଙ୍କ କାର୍ଯ୍ୟ ସମ୍ପାଦନ ହୋଇପାରୁ ନଥିବା ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ଠାରୁ ପ୍ରକାଶ। ଯଦ୍ୱାରା ଫଳକ ଭାଙ୍ଗି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କାକଟପୁର ବ୍ଲକର ସାଧାରଣ ଜନତା।

ପିଇବାକୁ ମିଳୁନି

## ନଷ୍ଟ ହେଉଛି ହଜାର ହଜାର ଲିଟର ପାଣି

ନୟାହାଟ, ୩୦।୧(ସମିସ):ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବରୀ ପଞ୍ଚାୟତର ପାତ୍ରସାହି ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପାଇପ୍ ଯୋଗେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। କିନ୍ତୁ ପିଇବା ପାଣି ଯୋଗାଣ ହେଉଥିବା ଟ୍ୟାପ ନଥିବାରୁ ହଜାରହଜାର ଲିଟର



ପାଣି ବାହାରେ ବୋହି ଯାଉଥିବା ବେଳେ ଲୋକଙ୍କୁ ମିଳୁନାହିଁ। ଏପଟେ ପାଣି ପିଇବାକୁ ପାଉ ନାହାଁନ୍ତି ବୋଲି ଲୋକେ ଅଭିଯୋଗ ହେଉଛି। ସେହିପରି ଜଙ୍ଗଲବରୀ ପଞ୍ଚାୟତର କୁମ୍ଭାରଡିହ ଓ ଦେସ୍ତଲୀ ପଞ୍ଚାୟତର ବଡ଼ତୋଟା ଛକ ଠାରେ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଏଦିଗରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ହେଉଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ଡେଲାଙ୍ଗ, ୩୦।୧(ସମିସ):** ଡେଲାଙ୍ଗ ବ୍ଲକର ୫ଟି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ତଥା ଜନ ସଚେତନତା କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଛି। ସୋମବାର ଖେଲୋଉର ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଦିପ୍ତିଶ୍ରୀ ରାଉତରାୟ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ଖେଲାଉର ସରପଞ୍ଚ ସ୍ନେହଲତା ସାହୁ, ପଞ୍ଚାୟତ ସଭାପତି ସାରଙ୍ଗ ତ୍ରୀପାଠୀ ପ୍ରମୁଖ ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା କରିଥିବା ବେଳେ ଦୁଇ ପଞ୍ଚାୟତରେ ବିଗତ ଦିନରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟର ପୃଥକ 'ଫଟୋ ଚିତ୍ର ଥିବା ପୁସ୍ତିକା ଅତିଥିମାନେ ଲୋକାର୍ପଣ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷିତିଶ୍ ବେହେରା ସମସ୍ତ ପଞ୍ଚାୟତ ସଭାରେ ଅଧ୍ୟକ୍ଷତା କରିଥିଲେ। ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ପାଲାକାର ପ୍ରମୋଦ କୁମାର ଜେନା ଓ ସାଥିମାନଙ୍କ ଦ୍ୱାରା ରାଜ୍ୟ ସରକାରଙ୍କର ବିକାଶମୂଳକ ଯୋଜନା ସମ୍ପର୍କରେ ଜନସଚେତନତା କରାଯାଇଥିଲା। ସେହିପରି ମଙ୍ଗଳବାର ଅରିସାଲ, ଗୋଡିପୁଟ ମାଟିଆପଡ଼ା ଓ ରେଙ୍ଗଳ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଛି।

ଇନ୍ଦିରାଗାନ୍ଧୀ ମହିଳା ଉଚ୍ଚ ବିଦ୍ୟାଳୟ

## 'ନୂଆ-ଓ' କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଯୋଗିତା



ନିମାପଡ଼ା, ୩୦।୧(ସମିସ)

ନିମାପଡ଼ା ଇନ୍ଦିରାଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ 'ଓଡିଆ ଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ଚାଲିଥିବା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଷମା ସୁନ୍ଦରୀ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପଦ୍ମନାଭ ପଣ୍ଡା, ସମ୍ମାନିତ ଅତିଥିଭାବେ ପ୍ରଫେସର ଚିତ୍ର ଲେଖା ପଣ୍ଡା, ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପ୍ରୋଗ୍ରାମ କୋ-ଅଡିନେଟର ଆରତୀ ଦାଶ, ସୁଶ୍ରୀୟା ଦାଶ, ସୌଦାମିନୀ ପୁଷ୍ପାଳକ, ମୀନାରାଣୀ ସାହୁ, ସବିତା ଜେନା, ସତ୍ୟଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୁଆଡ଼ିଆ କ୍ରିକେଟ୍; ଗଡଲାଇଟ୍ ଚାମ୍ପିଅନ୍

କଣାସ, ୩୦।୧(ସମିସ): କଣାସ ବ୍ଲକ ଆଳିବାଡ ପଞ୍ଚାୟତ ଗୁଆଡିଆ ଗ୍ରାମ ଖେଳପଡ଼ିଆରେ ଅନୁଷ୍ଠିତ ପ୍ରିମିୟର ଲିଗ୍‌ମ୍ୟାଚ ଆଜି ଉଦ୍‌ଯାପିତ ହୋଇଯାଇଛି। ଗତ ୨୬ତାରିଖ ଠାରୁ ଆରମ୍ଭ ହୋଇଥିବା ଲିଗ୍‌ମ୍ୟାଚ ଆଜି ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍ ଗଡ଼ଲାଇଟ୍ ସହିତ ଏମଏସ୍ ସୁପରଷ୍ଟାର ମଧ୍ୟରେ ହୋଇଥିଲା। ଗଡ଼ଲାଇଟ୍ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୨ଟି ଉଇକେଟ୍ ହରାଇ ୭୦ରନ୍ କରିଥିବା ବେଳେ ଏମଏସ୍ ସୁପରଷ୍ଟାର ୫ଓଭରରେ ସମସ୍ତ ଉଇକେଟ୍ ହରାଇ ୪୦ରନ୍ କରିଥିଲା। ଗଡ଼ଲାଇଟ୍ ୩୦ରନ୍‌ରେ ବିଜୟୀ ହୋଇ ଚଳିତ ବର୍ଷ ପାଇଁ ଚାମ୍ପିଅନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସୂର୍ଯ୍ୟକାନ୍ତ ଦାସ ରାୟ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ଅଭିରାମ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଶିଳ କୁମାର ମହାପାତ୍ର, ସୁରେନ୍ଦ୍ର ପ୍ରଧାନ, ଲିଙ୍ଗରାଜ ସାହୁ, ଚକ୍ରଧର ମହାପାତ୍ର ଯୋଗଦେଇ ଚାମ୍ପିଅନ ଦଳକୁ ଚାମ୍ପିଅନ ଟ୍ରଫି ଓ ରନ୍‌ସ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।




## ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟର ୧୯୯୪ବ୍ୟାଚର ବନ୍ଧୁମିଳନ



ଅସ୍ତରଙ୍ଗ, ୩୦।୧(ସମିସ):ପୁରୀଜିଲ୍ଲା ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୪ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପୀରଜାହାନିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚ୍‌ର ଶତାଧିକ ଛାତ୍ରଛାତ୍ରୀ ବନ୍ଧୁମିଳନ କାଯର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ଦୀର୍ଘ ୩୦ ବର୍ଷ ପରେ ପରସ୍ପରକୁ ସାକ୍ଷାତ କରି ଭାବବିହ୍ୱଳ ହୋଇପଡ଼ିବା ସହିତ ଭାବର ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଥି ଅକ୍ଷୟ ମୁଦୁଲି, ଦିଲ୍ଲୀପ ଦାସ, ଚିନ୍ମୟ ନାୟକ, ପ୍ରମୋଦ ବିଶ୍ୱାଳ, ପ୍ରଶାନ୍ତ ସାହୁ, ସୁଶାନ୍ତ ମୁରୁଣି, ଆଦିତ୍ୟ ରାଉତ, ପ୍ରଦୀପ ସାହୁ, ମଣ୍ଟୁ ବେହେରା, ସସ୍ମିତା ଛାଟୋଇ, ମମତା ମୁଦୁଲି ପ୍ରମୁଖ ପରିଚାଳନା କରିଥିବା ବେଳେ ଇନ୍ଦିରା, ଡଲି, ରଞ୍ଜନା, ସାବିତ୍ରୀ, ଝିଲ୍ଲୀ, ସଞ୍ଜୟ, ସମୀର, ଦିଲ୍ଲୀପ, ବିଚିତ୍ର, ତରା, ମଞ୍ଜୁ, ରୋଜାଲିନ, ସଞ୍ଜୁ, ପଙ୍କଜ, ବାସୁ ଝାଟକିଶୋର ପ୍ରମୁଖ ସେମାନଙ୍କ ପରିବାର ବର୍ଗଙ୍କ ସହିତ ଯୋଗଦେଇ ବେଶ ସ୍ମୃତି ସାଉଣ୍ଟିଥିଲେ।

## ମା' ଶାରଳା କପ୍ କ୍ରିକେଟ୍; ଫାଇନାଲରେ ଯଦୁପୁର

ଅସ୍ତରଙ୍ଗ, ୩୦।୧(ସମିସ)

ଜାନୁଆରୀ ୨୬ ତାରିଖରୁ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ମା' ଶାରଳା କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ କନ୍ଧମାଳକୁ ହରାଇ ଯଦୁପୁର ବିଜୟୀ ହୋଇଛି। ଟସ୍ ଜିତି ଡିସିସି କନ୍ଧମାଳ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଯଦୁପୁର ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ୨୨୫ ରନ ସଂଗ୍ରହ କରିଥିଲା।ଜବାବରେ କନ୍ଧମାଳ ଟିମ୍ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୪୩ ରନ କରିଥିଲା। ଫଳରେ ଯଦୁପୁର ଭୁବନେଶ୍ୱର ୮୨ ରନରେ ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ବିବେକ ସାହୁ ୪୬ ରନ ଏବଂ ୪ଟି



ଉଇକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଖେଳକୁ ଦିବ୍ୟଦର୍ଶୀ ଛାଟୋଇ ଓ ଡ୍ୟାନସିଂ ଅମ୍ପାୟର ବବୁଲ୍ ସାହୁ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ପରିଡ଼ା ଖେଳରେ ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ସମୀର କୁମାର କର, ପ୍ରଶନ୍ନ କୁମାର ଜେନା, ବିପିନ ବିହାରୀ ଦାସ, ଦୁଃଶାସନ ନାୟକ, ଲକ୍ଷ୍ମଣ ବେହେରା, ଦୀପକ ବିଶ୍ୱାଳ, ମଣ୍ଟୁ ଭୋଳ, ପ୍ରଶାନ୍ତ ଭୋଳ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, କ୍ଲବର ଉପଦେଷ୍ଟା ଦିବାକର ଛାଟୋଇ, ସଭାପତି ଯୁଗଳ ମହାନ୍ତି ଯୋଗଦେଇ ଉତ୍ତମ ଖେଳ ପଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ବୋଲି ମିଡ଼ିଆ ସେଲ ସମ୍ପାଦକ ପବିତ୍ର ମହାନ୍ତି ସୂଚନା ଦେଇଛନ୍ତି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ବେଣୀପୁର ବିଜୟୀ



**ଗୋପ, ୩୦।୧(ସମିସ):** ଗୋପ ବଣିଆସାହି ସ୍ଥିତ ମା' ଜାଗେଶ୍ୱରୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, ମଦନ ସାହୁ ଉଦ୍‌ଘାଟନ କରିଥିଲେ। ପରେ ୮ ଟି ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ବେଣୀପୁର ବିଜୟ ଲାଭ କରିଥିବା ବେଳେ ୨ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସ ଅପ୍ ଦଳ ପାଣିଛତ୍ରକୁ ୧୫ଶହ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ ଦେବାଶିଷ ପରମାଣିକ, ଦିଲ୍ଲୀପ ପରମାଣିକ, ରୁଦ୍ର ନାରାୟଣ ସାହୁ, ଶୁଭମ୍ ଦତ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ, ୩୦।୧(ସମିସ)

ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ବଡ଼ଝାଡ଼ ପଞ୍ଚାୟତ ଠାରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ନିମନ୍ତେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜିନୀ ତରେଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ, ବଡଝାଡ଼ ପଞ୍ଚାୟତ ସରପଞ୍ଚ ସୁମିତ୍ରା ପାହାଣ, ସହକାରୀ ନିର୍ବାହୀଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଯୁବନେତା ଦିଲ୍ଲୀପ କୁମାର ରଣସିଂହ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତିସଭ୍ୟ, ସ୍ଥାନୀୟ ବିଜେଡ଼ି ନେତା ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀମାନେ ସ୍ୱାବଲମ୍ବୀ



ହୋଇଥିବାରୁ ଗୋଷ୍ଠୀ ମହିଳାଙ୍କୁ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବ୍ରହ୍ମପୁର ପଞ୍ଚାୟତରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାର ବରିଷ୍ଠ ପାଲା ଗାୟକ କାଳିଜାଇ ଆଞ୍ଚଳିକ ପାଲା ଗାୟକ ମଣ୍ଡଳ ସଭାପତି ବିଜୟ କୁମାର ପଣ୍ଡା, ଗୋଲଖ ବିହାରୀ ଜାଲି ସରକାରଙ୍କ ବିଭିନ୍ନ ଯୋଜନାକୁ ପାଲା ମାଧ୍ୟମରେ ପରିବେଷଣ କରିଥିଲେ। ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, କନିଷ୍ଠ ଯନ୍ତ୍ରୀ ବିପିନ ବିହାରୀ ମଙ୍ଗରାଜ, କମଳାକାନ୍ତ ବାସ୍କେ, ଏପିଓ ଅଭିନ୍ନ କୁମାର ପଲାଇ, ସବିତା ତରେଇ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କ୍ଲିନିକ୍‌ରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା**

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଖୋର୍ଦ୍ଧା,୩୦।୧(ସମିସ):**

ଶିଖ୍ବାଞ୍ଚଳ ଥାନା ଅନ୍ତର୍ଗତ ଚାଚେରା ଶବରସାହି ର ଏକ ଘରୋଇ କ୍ଲିନିକ୍ ପରିସରରେ ସୋମବାର ଆତ୍ମହତ୍ୟା କରିଥିବା ଯୁବତୀଙ୍କ ଶବକୁ ପୁଲିସ ମଙ୍ଗଳବାର ଉଦ୍ଧାର କରିଛି। ମୃତା ହେଲେ ପୁରୀ ଜିଲ୍ଲା ଗଡିଶାଗଦା ଥାନା ଅନ୍ତର୍ଗତ ସୁନାଖଳାର ସନ୍ଧ୍ୟାରାଣୀ ପାସିଂହ ଓରଫ ପୂଜା (୧୯)। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଘଟଣାସ୍ଥଳରେ ଏସ୍‌ଡିପିଓ ଦିଲିପ ଦାସ, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ, ସାଇଣ୍ଟିଫିକ ଟିମ ପ୍ରମୁଖ ପହଁଞ୍ଚି ତଦନ୍ତ କରିଛନ୍ତି। ଘଟଣାସ୍ଥଳରୁ ପୁଲିସ ପୂଜାର



ମୋବାଇଲ ଓ ଚାର୍ଜର ସମେତ କ୍ଲିନିକ ସିସିଟିଭିର ହାର୍ଡଡିସ୍କକୁ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଝିଅକୁ କେହି ହତ୍ୟା କରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ୩୦୨ଦଫା ରେ ୨୬/୨୪ରେ ହତ୍ୟା ମାମଲା ରୁଜୁ କରିଛି।

ସୂଚନା ଅନୁସାରେ, ଆଜକୁ ପ୍ରାୟ୬ ମାସ ହେବ ପୂଜା ଉକ୍ତ କ୍ଲିନିକ ରେ ସହାୟିକାଭାବେ କାମ କରୁଥିଲା। ସୋମବାର ମଧ୍ୟ ସବୁଦିନ ପରି କାମ ସାରି ରୁମ୍‌କୁ ଆସିଥିଲା। ରାତି ପ୍ରାୟ ସାଢେ ୮ଟା ସମୟରେ ତାର ସହଯୋଗୀମାନେ ତଳେ ଥିବାବେଳେ ଉପର ରୁମ୍‌ର ଫ୍ୟାନରେ ଓଢଣୀ ଯୋଗେ ଆତ୍ମହତ୍ୟା କରିଥିଲା। ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ଏମସକୁ ପଠାଇଛି। ତେବେ ଝିଅକୁ କେହି ମାରି ଟାଙ୍ଗିଥିବା ବାପା ଶରତ ପାସିଂହ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପ୍ରେମରେ ପ୍ରତାରଣା ପରେ ପୂଜା ଏଭଳି ଚରମ ନିଷ୍ପତି ନେଇଥିବା ଚର୍ଚ୍ଚା ହେଉଛି। ପୂଜା ନିଜ ସୋସିଆଲ ମିଡିଆ ସାଇଟ୍‌ରେ ମୋର ଖୁସି ଲେଖିକି ଏକ ଯୁବକଙ୍କ ସହ କିଛି ଫଟୋ ଛାଡିଥିବା ଦେଖାଯାଇଛି। ତେବେ ଆତ୍ମହତ୍ୟା ପୂର୍ବରୁ ପୂଜା ନିଜ ହ୍ୱାଟସଆପ ଷ୍ଟାଟସ ରେ ଆଇ ଆମ ୱେଟିଂ ଫର ଡେଥ ଲେଖିକି କିଛି ଗୀତ ଓ ଭିଡିଓ ରଖିଥିବା ବେଳେ ତାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେଣୁ ପୁଲିସ ଏସମସ୍ତ ଘଟଣାକୁ ତଦନ୍ତ ପରିସରକୁ ନେଇ ତଦନ୍ତ ଜାରୀ ରଖିଥିବା ଏସ୍‌ଡିପିଓ ଶ୍ରୀ ଦାସ ସୂଚନା ଦେଇଛନ୍ତି।

---

**● ବ୍ୟବସାୟୀ ସଂଘ ପକ୍ଷରୁ ମା'ସମଲେଇ ପ୍ରକଳ୍ପ ପରିଦର୍ଶନ**

## ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ଶୁଭମନାସୀ କଲେ ପୂଜାର୍ଚ୍ଚନା

**ଜଟଣୀ,୩୦ ।୧(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ ପରିକ୍ରମା ପ୍ରକଳ୍ପ ଏବଂ ପଶ୍ଚିମ ଓଡିଶାର ଇଷ୍ଟଦେବୀ ମା'ସମଲେଇଙ୍କ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମକୁ ଜଟଣୀର ବ୍ୟବସାୟୀମାନେ ବେଶ୍ ପ୍ରଶଂଶା କରିଛନ୍ତି ।ଜଟଣୀର ବ୍ୟବସାୟୀମାନେ ମା'ସମଲେଇଙ୍କ ନିକଟରେ ପହଁଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଛନ୍ତି । ବିଗତ ଦିନରେ ରାଜ୍ୟ ସରକାରଙ୍କ ସହରାଞ୍ଚଳ ଉନ୍ନତିକରଣ ଯୋଜନାରେ ଜଟଣୀ ପୋଷ୍ଟଅଫିସ ଛକର 'ମୋ ଜଟଣୀ'ଠାରେ ବିଭିନ୍ନ ଉନ୍ନତିକରଣ କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଫଳରେ ସହରର ସୌନ୍ଦର୍ଯ୍ୟକରଣ ସହିତ ବ୍ୟବସାୟରେ ଉନ୍ନତି ହୋଇଛି। ସର୍ବଧର୍ମର ସମନ୍ୱୟର ପ୍ରତିକ ଜଟଣୀ ସହରରେ ମନ୍ଦିର,ମସଜିଦ,ଚର୍ଚ୍ଚ ଆଦି ଧର୍ମାନୁଷ୍ଠାନଗୁଡ଼ିକର ଉନ୍ନତିକରଣ ଲାଗି ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଛନ୍ତି । ଯାହାଦ୍ୱାରା ଜଟଣୀ ସହରର ଭାଇଚାରାକୁ ଆହୁରି ସୁଦୃଢ଼ କରିଛି ବୋଲି କୁହାଯାଇଛି । ତେବେ ଏହିକ୍ରମରେ ଚଳିତ ୨୭ ତାରିଖରେ ସମ୍ବଲପୁର ଅଞ୍ଚଳର ଇଷ୍ଟଦେବୀ



ମା'ସମଲେଇଙ୍କ ପୀଠରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ତେଣୁ ସ୍ଥାନୀୟ ମୋ'ଜଟଣୀଠାରେ ଥିବା ପୋଷ୍ଟଅଫିସ ଛକ ବ୍ୟବସାୟ ସଂଘର ସଭାପତି ହେମନ୍ତ କୁମାର ସୁନ୍ଦରାୟଙ୍କ ନେତୃତ୍ୱରେ ଶତାଧିକ ବ୍ୟବସାୟୀ ରବିବାର ସମ୍ବଲପୁରଠାରେ ମା'ସମଲେଇଙ୍କ ପ୍ରକଳ୍ପ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ଓ '୫-ଟି ' ଅଧ୍ୟକ୍ଷଙ୍କ ଶୁଭମନାସୀ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। କାର୍ଯ୍ୟକ୍ରମରେ ପୋଷ୍ଟଅଫିସ ଛକ ବ୍ୟବସାୟ ସଂଘର ସଭାପତି ହେମନ୍ତ କୁମାର ସୁନ୍ଦରାୟ, ସମ୍ପାଦକ ମାନସ କୁମାର ମିଶ୍ର,ସୁଜିତ କୁମାର ସାହୁ, ନିମାଇ ଚରଣ ଦାଶ, ନବୀନ କୁମାର ସାହୁ,ବୀରବର ସାହୁ, ନୃସିଂହ ମଙ୍ଗରାଜ, ଅମିତ ସିଂ, ମନୋରଂଜନ ନାୟକ, ଅଶୋକ ଚକ୍ରବର୍ତୀ,ଦିଲିପ ସୁନ୍ଦରାୟ,ଅରୁଣ କୁମାର ଜେନାଙ୍କ ସହିତ ଦିଲିପ କୁମାର ସାମନ୍ତରାୟ ପ୍ରମୁଖ ଶତାଧିକ ବ୍ୟବସାୟୀ ସାମିଲ ହୋଇଥିଲେ।

## ନୂଆ ଆଇଆଇସିଙ୍କ ଯୋଗଦାନ

ନିରାକାରପୁର,୩୦ ।୧(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ନୂତନ ଆଇଆଇସି ଭାବେ ବିଶ୍ୱଜିତ୍ ରାଉତରାୟ ଯୋଗ ଦେଇଛନ୍ତି। ଅଞ୍ଚଳରେ ଚାଲିଥିବା ଚୋରା ମଦ କାରବାର, ଚୋରା ମାଙ୍କଡ଼ା ପଥର ଚାଲାଣ ଓ ଗଳିକନ୍ଦିରେ ବ୍ୟାପୁଥିବା ବ୍ରାଉନସୁଗର କାରବାର ଓ ଗୋ ଚାଲାଣ ଉପରେ ରୋକ ଲଗାଇବା ସହିତ ଅସାମାଜିକ ଲୋକଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେଇ ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନିୟନ୍ତ୍ରଣ ରକ୍ଷା କରିବାକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଏହି ଅବସରରେ ଆଞ୍ଚଳିକ ହିନ୍ଦୁ ସଙ୍ଗଠନ ପକ୍ଷରୁ ନୂତନ ଆଇଆଇସି ଶ୍ରୀରାଉତରାୟଙ୍କ ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି। ସଂଗଠନ କର୍ମକର୍ତ୍ତା ନବକୃଷ୍ଣ ମହାପାତ୍ର, ପ୍ରସାଦ କୁମାର ଦାସ, ଅଜୟ କୁମାର ପାଇକରାୟ ଓ ମନ୍ମଥ ରଞ୍ଜନ ବେହେରା ପ୍ରମୁଖ ସାକ୍ଷାତ କରି ପୁଷ୍ପ ଗୁଚ୍ଛ ପ୍ରଦାନ କରିଛନ୍ତି।

---

**ବାଲୁଗାଁ ମହାବିଦ୍ୟାଳୟ**

## 'ନୂଆ-ଓ'ଓଡ଼ିଆ ସାହିତ୍ୟ ସଂସ୍କୃତି ପ୍ରତିଯୋଗିତା



**ବାଲୁଗାଁ, ୩୦।୧(ସମିସ):** ରାଜ୍ୟ ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ଭାଷା, ସାହିତ୍ୟ, ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ଓ ଉଦ୍‌ଯାପନୀ ସମାରୋହ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର କଳ୍ପନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧାର ପ୍ରାକ୍ତନ ଜିଲ୍ଲାପାଳ ତଥା ବିଶିଷ୍ଟ ସାହିତ୍ୟିକ ନିରଞ୍ଜନ ସାହୁ ଓ ମୁଖ୍ୟବକ୍ତା ଭାବେ ଅନ୍ତର୍ଜାତୀୟ ମଞ୍ଚ ଉଦଘୋଷକ ଡକ୍ଟର ମୃତ୍ୟୁଞ୍ଜୟ ରଥ ଯୋଗଦେଇ ଛାତ୍ରଛାତ୍ରୀଙ୍କର ସର୍ଜନାତ୍ମକ ଓ ସାଂସ୍କୃତିକ ବିକାଶ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପରେ "ମାତୃଭାଷାର ବିକାଶରେ ଡିଜିଟାଲର ଭୂମିକା" ଶୀର୍ଷକ ଆଲୋଚନା ଚକ୍ରରେ ପ୍ରଫେସର ପ୍ରଦୀପ୍ତ କୁମାର ବାରିକ, ପ୍ରଫେସର ଅହଲ୍ୟା ସ୍ୱାଇଁ ଓ ବିଶିଷ୍ଟ ଗାଳ୍ପିକ ଆଭାସ କୁମାର ବରାଳ ଯୋଗଦେଇ ଦୃଶ୍ୟ ଶ୍ରାବ୍ୟ ଯାନ୍ତ୍ରିକ ପଦ୍ଧତିରେ ଓଡ଼ିଆ ମାତୃଭାଷାର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥିଭାବେ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ଶୁକାନ୍ତି ପାଇକରାୟ, କାଉନସିଲର ସୁଜାତା ପଣ୍ଡା, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ବିନତି ମଞ୍ଜରୀ ରାଉତ ଓ ଡକ୍ଟର ରାଜନୀରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ସାହିତ୍ୟ ପ୍ରତିଯୋଗିତା ଅନ୍ତର୍ଗତ ଲୋକନୃତ୍ୟ, ଓଡ଼ିଆ ସୁଗମ ସଂଗୀତ, ଓଡ଼ିଆ ଭାଷା ଓ ସଂସ୍କୃତି ସମ୍ପର୍କିତ କୁଇଜ, ବକ୍ତୃତା, ବ୍ୟାକରଣ ଦକ୍ଷତା, କବିତା ଲିଖନ ଓ ବିତର୍କ ଆଦି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। +୨ଅଧ୍ୟକ୍ଷା ଡକ୍ଟର ଜୟନ୍ତୀ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡକ୍ଟର କୈଳାଶ ଚନ୍ଦ୍ର ମହାରଣା ମଞ୍ଚ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ସଂଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ମାଝୀ ଓ ଜିତେନ୍ଦ୍ର ମହାରଣା ଯୋଗ ଦେଇଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**● ତୁଳା ବୋଝେଇ ଟ୍ରକ୍‌ରେ ଅଗ୍ନିକାଣ୍ଡ**

## ଅଳ୍ପକେ ବର୍ତ୍ତିଲା ଟ୍ରକ୍; ଜଳିଗଲା ତୁଳା

**ନିରାକାରପୁର,୩୦।୧(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ବଡ଼ପୋଖରୀଆ ଛକରେ ଏକ ଚଳନ୍ତା ତୁଳା ବୋଝେଇ ଟ୍ରକ୍‌ରେ କୌଣସି କାରଣରୁ ନିଆଁ ଲାଗିଯାଇଛି। ନିଆଁ ଲାଗି ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ତୁଳା। ଆନ୍ଧ୍ରପ୍ରଦେଶରୁ କୋଲକତା ଯାଉଥିଲା ତୁଳା ବୋଝେଇ ଟ୍ରକ୍। ବଡ଼ପୋଖରୀଆ ଛକ ନିକଟରେ ହଠାତ ଟ୍ରକ୍ ଇଞ୍ଜିନରୁ ଧୂଆଁ ବାହାରିଥିଲା। ତେବେ ଟ୍ରକ୍ ଚାଳକ ଧୂଆଁ ସମ୍ପର୍କରେ ଜାଣି ପାରିନଥିଲେ।ଫଳରେ ଧୂଆଁ ପ୍ରବଳରୁ ପ୍ରବଳ ହୋଇ ଟ୍ରକ୍‌ରେ ତୁଳା ସହ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ବାପି ବଡ଼ଜେନା ଓ ରବୀନ୍ଦ୍ର କୁମାର ଜେନା ପ୍ରମୁଖ ସମେତ ଅନ୍ୟ କିଛ ସ୍ଥାନୀୟ ଲୋକେ ହୋହଲ୍ଲା କରିବାରୁ ଚାଳକ ଜଣକ ଟ୍ରକ୍‌କୁ ରଖି ବାହାରି ପଡ଼ିଥିଲେ। ଫଳରେ ଚାଳକଙ୍କ ଜୀବନ



ବଞ୍ଚି ଯାଇଥିଲା। ଖବର ପାଇ ଟାଙ୍ଗୀ ଅଗ୍ନିଶମ ବାହିନୀ ପହଁଞ୍ଚି ନିଆଁକୁ ଆୟତ କରିଛି। ଘଟଣାସ୍ଥଳରେ ଜଙ୍କିଆ ପୁଲିସ ମଧ୍ୟ ପହଁଞ୍ଚି ଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ଅବଶିଷ୍ଟ ତୁଳାକୁ ଜେସିବି ଦ୍ୱାରା ଟ୍ରକ୍‌ରୁ ବାହାର କରାଯାଇଛି।

---

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



**ନିରାକାରପୁର ,୩୦।୧(ସମିସ):** କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି ।ଅଧ୍ୟକ୍ଷା ବ୍ରତତି ମିଶ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ଅଧ୍ୟାପିକା କାଦମ୍ବିନୀ ସାହୁ, ଅଧ୍ୟାପକ ପ୍ରସନ୍ନ ନାୟକ, ଡ. ପ୍ରଭାତ ଦାଶ, ଅଧ୍ୟାପକ ସୌରଭ ମହାପାତ୍ର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଆପଣେଇବା ପାଇଁ ଉତ୍ସାହିତ କରିବା ସହ ଏହି କୌଶଳ ଦ୍ୱାରା ଛାତ୍ରୀମାନେ ସଶକ୍ତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଧ୍ୟାପକ ଚନ୍ଦନ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମ ସଂଯୋଜିକା ସୋନାଲି ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ସସ୍ମିତା ରାଉତରାୟ ଧନ୍ୟବାଦ ଦେଇଥିବାବେଳେ ଭବାନୀ ଛୋଟରାୟ ଓ ସ୍ୱାଗତିକା ପାତ୍ରଙ୍କୁ ସୁପରିଚାଳନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ କୈବଲ୍ୟ ପତି ଓ ଅଧ୍ୟାପକ ଅଶୋକ କୁମାର ପାତ୍ର ସଂଯୋଜନା କରିଥିଲେ।

## ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ହେଲେ ବିକାଶ ହୁଏ ଶିକ୍ଷା



ବେଗୁନିଆ,୩୦।୧(ସମିସ): କଣ୍ଟାବାଡସ୍ଥିତ ରମାମଣି ମହାବିଦ୍ୟାଳୟ ପରିସରରେ 'ନୂଆ-ଓ 'ଯୁବ ଓଡ଼ିଶା ନବୀନ ଓଡ଼ିଶା'ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତା ଓ ପ୍ରାଧ୍ୟାପକ ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି , ମନସ୍ତତ୍ତ୍ୱ ବିଭାଗର ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ହୋତା ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ସରପଞ୍ଚ ଲାବଣ୍ୟ ଜୟସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ହେଲେ ବିକାଶ ହୁଏ ଶିକ୍ଷା ବୋଲି ଅତିଥି ମାନେ ମତ ପ୍ରକାଶ କରି ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସଭାର ପ୍ରାରମ୍ଭରେ ଅଧ୍ୟକ୍ଷ ଗଙ୍ଗାଧର ଦାଶ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ବିଜୟ କୁମାର ପଟ୍ଟନାୟକ, ଅଧ୍ୟାପକ ଦିଲ୍ଲୀପ କୁମାର ସାଥୁଆ, ଶ୍ରୀନିବାସ ସାହୁ, ଶ୍ୟାମା ପ୍ରସାଦ ଶତପଥି ଓ ଅଧ୍ୟାପିକା ସୌମ୍ୟାଶ୍ରୀ ଷଡ଼ଙ୍ଗୀଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିବାବେଳେ ପ୍ରାଧ୍ୟାପକ ଇନ୍ଦୁ ଭୂଷଣ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାତ୍ମାଗାନ୍ଧୀଙ୍କ ପୁଣ୍ୟତିଥି ଉତ୍ସବ



**କୁହୁଡି, ୩୦।୧(ସମିସ):** ପୁରାତନ ଅନୁଷ୍ଠାନ ଆର୍ଯ୍ୟ କଳାନୀଳୟ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ପ୍ରଭାତରୁ ରାମାଧୂନ ଗାନ କରାଯାଇ ଅରଟ ତ୍ରିରଙ୍ଗା ପତାକା ଗାନ୍ଧୀ ଛକରେ ଉତ୍ତୋଳନ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଗାନ୍ଧୀଙ୍କ ପ୍ରିୟ ସଂଗୀତ ଗାନ କରାଯାଇ "ମହାତ୍ମା ଗାନ୍ଧୀ ଅମର ରହେ " ସ୍ଲୋଗାନ ଦିଆଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ଃ ଚନ୍ଦ୍ରଶେଖର ଦାଶ, ବିଭୂତି ଭୂଷଣ ସାହୁ, ଜାନକୀ ବଲ୍ଲଭ ମାନସିଂହ , ଫଣୀଭୂଷଣ ପଲେଇ , ରଘୁନାଥ ବେହେରା, କିଶୋର ଚନ୍ଦ୍ର ନାୟକ, ସାମ୍ବାଦିକ ରମେଶଚନ୍ଦ୍ର ନାଇଡୁ ଓ ଜଗଦେବ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭାପତି ବିଧୁଭୂଷଣ ପଟ୍ଟନାୟକଙ୍କର ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କୁରାଢ଼ମଲ୍ଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ;ବାଲିଆପଡ଼ା ବିଜୟୀ

**ଖୋର୍ଦ୍ଧା,୩୦।୧(ସମିସ):** ଖୋର୍ଦ୍ଧା ବ୍ଲକ କୁରାଢମଲ୍ଲ ପଞ୍ଚାୟତ ଅନ୍ତର୍ଗତ କୁରାଢମଲ୍ଲ ଠାରେ ପ୍ରଥମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ତୃତୀୟ ମ୍ୟାଚ୍ ଗୁଡୁମ ଓ ବାଲିଆପଡା ମଧ୍ୟରେ ହୋଇଥିଲା। ପ୍ରଥମେ ଗୁଡୁମ ଦଳ ବ୍ୟାଟିଂ କରି ୨୦ ଓଭର ଖେଳି ୭ ୱିକେଟ୍‌ରେ ୧୮୦ ରନ୍ କରିଥିଲା। ଦଳ ତରଫରୁ ନିଶିକାନ୍ତ ପ୍ରଧାନ ୧୮ ବଲରୁ ୪୨ ରନ୍ କରିଥିଲେ। ଜବାବରେ ବାଲିଆପଡା ଦଳ ୧୭.୫ ଓଭର ଖେଳି ୧୮୩/୫ ରନ୍ କରିଥିଲା। ଫଳରେ ବାଲିଆପଡା ୫ୱିକେଟରେ ବିଜୟ ଲାଭ କରିଛି। ବାଲିଆପଡା ଦଳର ଗିରିଶ କୁମାର ପ୍ରଧାନ ୧୪ ବଲରୁ ୪୬ରନ କରି ୪ଓଭର ବୋଲିଂ କରି ୩୧/୧ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ଜେକେ ସାମନ୍ତରାୟ ଓ ଶ୍ରଦ୍ଧାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ସ୍କୋରର ପ୍ରେମାନନ୍ଦ କାଳିଆ, ରଞ୍ଜନ କୁମାର ନାୟକ, ସମ୍ୟରଞ୍ଜନ ସ୍ୱାଇଁ ସହଯୋଗ କରିଥିଲେ। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ଗୋପିନାଥ ମହାରଥୀ ପ୍ରମୁଖ ଉପସ୍ଥିତ ଥିଲେ।

---

## କାଶୀପୁର ଫୁଟବଲ; ଖଣ୍ଡପଡା ଫାଇନାଲରେ



**ନିରାକାରପୁର,୩୦।୧(ସମିସ):** ଡିଆ ପଞ୍ଚାୟତ କାଶୀପୁରରେ ମା'ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ଦିବଂଗତ ଚରଣ ଦଳେଇ ଓ ମଳୟ ମହାପାତ୍ର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ପ୍ରଥମ ସେମିଫାଇନାଲ ଖେଳ ହୋଇଯାଇଛି। ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଏଫସି କ୍ଲବ ଖଣ୍ଡପଡା ଓ ସ୍ପୋର୍ଟ୍ସ କ୍ଲବ କୁହୁଡ଼ି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇନପାରିବା ଫଳରେ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଟ୍ରାଇବେକର ରେ ଏଫସି କ୍ଲବ ୪-୨ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ କାଳୁଚରଣ ଖଣ୍ଡାୟତରାୟ , ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ରାମନାରାୟଣ ଦାଶ, କିଶୋର ବରାଳ, ଯୁବ ବିଜେଡି ନେତା ପ୍ରଭାତ ସ୍ୱାଇଁ ଓ ସାମ୍ବାଦିକ ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଭୈରବୀ ଯୁବ ସଂସଦର ସଭାପତି ପ୍ରଦୀପ୍ତ କୁମାର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଓ ବିଧୁ ଭୂଷଣ ମହାରଣା ମଞ୍ଚ ପରିଚାଳନା କରିଥିଲେ ।ଖେଳକୁ ଅବିନାଶ ପଟ୍ଟନାୟକ,ସୁକାନ୍ତ ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା ଓ ମ୍ୟାଚ୍ ରେଫରୀ ହୃଦାନନ୍ଦ ମହତରାୟ ପରିଚାଳନା କରିଥିଲେ। ସମ୍ପାଦକ ନୃସିଂହ ଦଳେଇ ଧନ୍ୟବାଦ ଦେଇଥିଲେ।

---

**ବିଶ୍ୱନାଟ୍ୟ ମେଳାରେ ବାଲୁଗାଁ-ବାଣପୁର କଳାକାରଙ୍କ କୃତିତ୍ୱ**

## ଭିକାରୀଙ୍କୁ ନାଟ୍ୟ ଆଚାର୍ଯ୍ୟ, ପ୍ରମୋଦଙ୍କୁ ନାଟ୍ୟ ଗୌରବ ଓ ଅଶୋକଙ୍କୁ ନାଟ୍ୟ ଗୌରବ ସମ୍ମାନ

**ବାଲୁଗାଁ, ୩୦।୧(ସମିସ):**

ଥିଏଟର ମୁଭ୍ ମେଣ୍ଟ ପକ୍ଷରୁ ଆୟୋଜିତ ବିଶ୍ୱନାଟ୍ୟ ମେଳା-୨୦୨୪ ଦୀର୍ଘ ୮ଦିନ ଧରି କଟକ କଳାବିକାଶ କେନ୍ଦ୍ରରେ ଚାଲିଥିବା ନାଟକ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ, ରାଜ୍ୟ ବାହାର ଦେଶ ବିଦେଶର ବହୁ କଳାକାର ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ବେଳେ ବାଲୁଗାଁ ବାଣପୁର ନାଚୁଣୀ ଆଦି ଅଞ୍ଚଳରୁ ବହୁ କଳାକାରମାନେ ଅଂଶ ଗ୍ରହଣ କରି ନିଜର କଳା ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି।

ଆୟୋଜିତ ବିଶ୍ୱନାଟ୍ୟ ମେଳାର ଉଦ୍‌ଯାପନୀ ସମାରୋହରେ ବାଲୁଗାଁ ଅଞ୍ଚଳର ଲବ୍ଧ ପ୍ରତିଷ୍ଠ ଓଡ଼ିଆ ନାଟ୍ୟକାର ଭିକାରୀ ଚରଣ ପ୍ରଧାନଙ୍କୁ ଥିଏଟର ମୁଭ୍ ମେଣ୍ଟ ପକ୍ଷରୁ "ନାଟ୍ୟ ଆଚାର୍ଯ୍ୟ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେହିପରି ବିଶିଷ୍ଟ ମଞ୍ଚ ନିର୍ଦ୍ଦେଶକ ବାଣପୁର ଅଞ୍ଚଳର ପ୍ରମୋଦ କୁମାର ସ୍ୱାଇଁଙ୍କୁ "ନାଟ୍ୟ ଗୌରବ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗତ ଅଶି ଦଶକରୁ ଶ୍ରୀ ପ୍ରଧାନ ଓ ଶ୍ରୀ ସ୍ୱାଇଁ ଉଭୟ ମଞ୍ଚ ନାଟକ ସହିତ ଜଡିତ ରହି ଶତାଧିକ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇ ପୂର୍ବରୁ ସେ ନାଟ୍ୟ ଭୂଷଣ, କଳା ସାଧକ ଆଦି ବିଭିନ୍ନ ସମ୍ମାନରେ ସମ୍ମାନୀତ ହୋଇଥିଲେ। ସମ୍ପ୍ରତି ବାଣପୁରର କଳିଙ୍ଗ କନ୍ୟା କଳା ପରିଷଦ ଅନୁଷ୍ଠାନ




ମାଧ୍ୟମରେ ଓଡ଼ିଆ ନାଟକର ଧାରାକୁ ବଜାୟ ରଖି ଛନ୍ତି। ତାଙ୍କ ଅନୁଷ୍ଠାନ କଳିଙ୍ଗ କନ୍ୟା କଳା ପରିଷଦ ତରଫରୁ ଚଳିତ ବିଶ୍ୱନାଟ୍ୟ ମେଳାର ତୃତୀୟ ସନ୍ଧ୍ୟାରେ ପୌରାଣିକ ଗୀତିନାଟ୍ୟ "ଶର୍ମିଷ୍ଠା" ମଞ୍ଚସ୍ଥ କରି ୬ଟି ଜାତୀୟ ପୁରସ୍କାର ଲାଭ କରି ଉଚ୍ଚ ପ୍ରଶଂସିତ ହୋଇଛି।

ସେହିପରି ଲେଖକ ଭିକାରୀ ଚରଣ ପ୍ରଧାନଙ୍କ ଦ୍ୱାରା ରଚିତ ବାଲୁଗାଁ ଡିଏଭି ଗୁରୁକୂଳର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଶିଶୁ ନାଟକ "ଯେସା କୁ ତେସା" ପୁରସ୍କୃତ ହୋଇ ଥିବା ବେଳେ ଏହି ନାଟକର ନିର୍ଦ୍ଦେଶକ ବାଲୁଗାଁ ଅଞ୍ଚଳର ଅଶୋକ କୁମାର ଜେନାଙ୍କୁ "ନାଟ୍ୟ ଗୌରବ" ସମ୍ମାନରେ ସମ୍ମାନିତ କରାଯାଇଛି। ନାଟ୍ୟ ମେଳାରେ ବାଣପୁର ଭେଟେଶ୍ୱର ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ପୌରାଣିକ ନାଟକ ପରିବେଷଣ ଓ ବାଣପୁର ଲଡୁକେଶ୍ୱର ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଏବଂ ନାଚୁଣୀ ଅଞ୍ଚଳର କୁନି କଳାକାରମାନେ ନାଟକ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ଉଦ୍‌ଯାପନୀ ସମାରୋହରେ ନାଟ୍ୟବିତ୍ ତଥା ବିଚାରକ ମଣ୍ଡଳୀଙ୍କ ଉପସ୍ଥିତିରେ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଓ କଟକ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ନଳିନୀ କାନ୍ତ ସାହୁ ପ୍ରମୁଖ ଯୋଗଦେଇ ମାନପତ୍ର, ଉପଢୌକନ ସମେତ ନଗଦ ଅର୍ଥ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ସହ କଳାକାରଙ୍କୁ ପୁରସ୍କୃତ କରିଥିଲେ।

